# ଚୈତ୍ରପର୍ବ, ବାରୁଣୀ ସ୍ନାନରେ କଟକଣା

ଆସିକା, ୧୬।୩(ଡି.ଏନ୍.ଏ.)

କରୋନା ମୁକାବିଲା ନେଇ ସୋମବାର ଆସିକା ବ୍ଲକ ସଭା ଗୃହରେ ପଞ୍ଚାୟତ ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ସୁଜାତା ସ୍ୱାଇଁ, ବିଡିଓ ପ୍ରଦୀପ କୁମାର ପଣ୍ଡା, ତହସିଲଦାର ସଦାନନ୍ଦ ସେଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। କରୋନା ସତର୍କତାମୂଳକ ବ୍ୟବସ୍ଥା ସମ୍ପର୍କରେ ସାଧାରଣରେ ସଚେତନତା ଦୃଷ୍ଟି ଦିଗରେ ପଞ୍ଚାୟତ ପ୍ରତିନିଧିମାନେ ତତ୍ପର ହେବାକୁ ପରାମର୍ଶ ଦିଆଯାଇଥିଲା। ମଙ୍ଗଳବାର ମା'ଖମ୍ବେଶ୍ୱରୀଙ୍କ ଚୈତ୍ରପର୍ବରେ ଶ୍ରଦ୍ଧାଳୁଙ୍କ ସମାଗମ ଉପରେ ରୋକ ଲଗାଯାଇଥିଲା ବେଳେ ଆସନ୍ତା ୨୧ ଓ ୨୨ ତାରିଖରେ ହେବାକୁ ଥିବା ବାରୁଣୀ ସ୍ନାନ ଓ ୨୭ ଓ ୨୮ ତାରିଖରେ ଧୋବାପଲ୍ଲୀଠାରେ ହେବାକୁ ଥିବା ରାଜମା ଠାକୁରାଣୀଙ୍କ ଯାତ୍ରା ଲାଗି ମଧ୍ୟ କଟକଣା ଜାରି କରାଯାଇଛି ।

# ଟଙ୍କା, ରୁପା ଅଳଙ୍କାର ଲୁଟ

ଚିକିଟି, ୧୬।୩(ଡି.ଏନ.ଏ.)

ଚିକିଟି ଫାଣ୍ଡି ଚିଲାଡି ଗ୍ରାମର ଖଲି ପଣ୍ଡାଙ୍କ ଘରୁ ରବିବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଏକ ଲକ୍ଷ ଟଙ୍କା ଏବଂ ରୁପା ଅଳଙ୍କାର ଲୁଟିନେଇଥିବା ଅଭିଯୋଗ ହୋଇଛି। ଖଲିଙ୍କ ପରିବାର ଦୀର୍ଘ ୩ଦିନ ଧରି ତୀର୍ଥଯାତ୍ରା କରିବା ପାଇଁ ବାହାରକୁ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ପଣ୍ଡାଙ୍କ ପୁତ୍ର ରଶ୍ମିରଞ୍ଜନ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ବାଡିପଟୁ କବାଟ ଭାଙ୍ଗି ଆଲମିରାରୁ ଟଙ୍କା ଏବଂ ୧୫ ତୁଳା ରୁପାର ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ରଶ୍ମିରଞ୍ଜନଙ୍କ ଚିକିଟି ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ଅଧିକାରୀ ବିଜୟ ପ୍ରଧାନ, କେ.ନୂଆଗାଁ ଥାନାକାରୀ ମାଧବନନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

# ବର୍ଷକୁ ୨ଥର ଦିଅନ୍ତି ଛୁଆ, ୧୨ ବର୍ଷ ବଞ୍ଚିଥାନ୍ତି



## ଗଞ୍ଜାମର ବିରଳ କୃଷ୍ଣସାର ମୃଗ

କାଳୀଚରଣ ଦାଶ

ବୁଗୁଡ଼ା, ୧୬।୩(ଡି.ଏନ.ଏ.)

ଗଞ୍ଜାମ ଜିଲାର ଗୌରବ ଭାବେ ଅଭିହିତ କରାଯାଇଥିବା ବିରଳ କୃଷ୍ଣସାର ମୃଗ ଈଶ୍ୱରଙ୍କର ଏକ ଅନବଦ୍ୟ ସୃଷ୍ଟି । ଏହା ଆସିକାର ଭେଟନଇ ଓ ବୁଗୁଡ଼ା, ବାଲିପଦର ଏବଂ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି। ସେହିପରି ପୋଲସରା, ଖଲ୍ଲିକୋଟ ଓ ଜଗନ୍ନାଥପ୍ରସାଦ ବନାଞ୍ଚଳର ଅଳ୍ପ କେତେକ ଗ୍ରାମରେ ମଧ୍ୟ ଏହା ଦେଖିବାକୁ ମିଳିଥାନ୍ତି । କୃଷ୍ଣସାର ମୃଗଙ୍କୁ କେହି କେହି କଳା ବାରସିଆ ମଧ୍ୟ କହିଥାନ୍ତି। ଅଣ୍ଡିରା କୃଷ୍ଣସାରଙ୍କର ଶରୀର କଳା ଦେଖାଯାଉଥିବା ବେଳେ ମାଈଙ୍କ ରଙ୍ଗ ମାଟିଆ ଓ ଅନ୍ୟ ଅଂଶ ଧଳା ହୋଇଥାଏ। ବାଲିପଦର, ବୁଗୁଡ଼ା, ଭେଟନଇ ଓ ଏହାର ଆଖପାଖ ଅଞ୍ଚଳରେ ଚଳପ୍ରଚଳକୁ ଦେଖି ସର୍ବପ୍ରଥମେ ବନ ବିଭାଗ ପକ୍ଷରୁ ୧୯୭୩ ମେ ୧୪ରେ ଏମାନଙ୍କର ଗଣନା ଆରମ୍ଭ କରାଯାଇଥିଲା। ପରେ ୧୯୮୦, ୧୯୯୮, ୨୦୦୪, ୨୦୦୬ ଓ ୨୦୦୮ରେ ମଧ୍ୟ ମୃଗ ଗଣନା କରାଯାଇଥିଲା।

୨୦୧୧ ଗଣନା ଅନୁସାରେ ଅଣ୍ଡିରା ମୃଗ ୩୮୬, ମାଈ ମୃଗ ୯୯୩, ଛୁଆ ମୃଗ ୧୫୪ ଏପରି ମୋଟ ୧୫୩୩ ହୋଇଥିବା ବେଳେ ୨୦୧୫ରେ ଅଣ୍ଡିରାମୃଗ ୭୮୨, ମାଈ ୧୪୯୦ ଓ ଛୁଆ ୩୪୬ ମୋଟ ୨୬୧୮, ୨୦୧୮ରେ ଅଣ୍ଡିରା ୮୧୨, ମାଈ ୧୬୬୯ ଓ ଛୁଆ ୩୨୮ ମୋଟ ୨୮୦୯ ଥିବା ଜଣାପଡ଼ିଛି। ୨୦୨୦ରେ ଏହା ବୃଦ୍ଧି ହୋଇ ୪ ହଜାର ହୋଇଥିବା ବନ ବିଭାଗ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ମୃଗ ପ୍ରାୟ ୧୨ ବର୍ଷ ବଞ୍ଚିଥାନ୍ତି । ଅଣ୍ଡିରା ମୃଗଙ୍କ ଓଜନ ୩୫ରୁ ୫୫ କେଜି ହୋଇଥିବା ବେଳେ ମାଈଙ୍କର ଓଜନ ୩୦ରୁ ୪୦ କେଜି ପର୍ଯ୍ୟନ୍ତ ହୋଇଥାଏ । ଅଣ୍ଡିରା ମୃଗଙ୍କ ବଙ୍କା ଶିଙ୍ଗ ଦେଖିବାକୁ ମିଳିଥାଏ । ଏହାର ଲମ୍ବ ପ୍ରାୟ ୪୫ ରୁ ୬୫ ସେ.ମି.ପର୍ଯ୍ୟନ୍ତ ହୋଇଥାଏ । କିନ୍ତୁ ମାଈମାନଙ୍କର ଶିଙ୍ଗ ଦେଖିବାକୁ ବିରଳ । ମାଈ ମୃଗମାନେ ବର୍ଷକୁ ୨ଥର ଛୁଆ ଜନ୍ମ କରନ୍ତି । ଅଗଷ୍ଟରୁ ଅକ୍ଟୋବର ଏବଂ ମାର୍ଚ୍ଚରୁ ଜୁନ ମଧ୍ୟରେ ଏମାନେ ଲମ୍ବାଘାସ ଗୁଚ୍ଛ କିମ୍ବା ବୁଦାରେ ଛୁଆ ଜନ୍ମ କରିଥାନ୍ତି। କୃଷ୍ଣସାରଙ୍କର ଘାସ ହେଉଛି ପ୍ରିୟ ଖାଦ୍ୟ । ସେମାନଙ୍କ ସକାଶେ ବନ ବିଭାଗ ତରଫରୁ ପାଣି ଯୋଗାଇଦେବା ପାଇଁ ୧୦ରୁ ଊର୍ଦ୍ଧ୍ୱ ପୋଖରୀ ବ୍ୟବସ୍ଥା ହୋଇଛି। ପ୍ରତିବର୍ଷ ବଜେଟ ଅନୁସାରେ ବେସରକାରୀ ଜମିରେ ଚାରଣ ଭୂଇଁ କରାଯାଇ ଘାସ ଚାଷ କରାଯାଇ ମୃଗଙ୍କ ଖାଦ୍ୟ ବ୍ୟବସ୍ଥା କରାଯାଇଥାଏ । ଏଥିସହ ସେମାନଙ୍କୁ ସଲ୍ଟ ଲିକ୍ ମଧ୍ୟ ଯୋଗାଇ ଦିଆଯାଇଥାଏ । କୃଷ୍ଣସାର ମୃଗ ଦଳ ଦଳ ହୋଇ ସକାଳେ ଏବଂ ସନ୍ଧ୍ୟାରେ ବୁଲୁଥିବା ଦେଖିବାକୁ ମିଳିଥାଏ । ଦଳରେ ୨ କିମ୍ବା ୩ଟି ଅଣ୍ଡିରା ମୃଗ ସହ ୧୫ରୁ ୨୦ ମାଈ ମୃଗ ରହିଥାନ୍ତି। ମଝିରେ ମଝିରେ ଦଳ ମଧ୍ୟରେ ଦଳପତି ହେବାକୁ ଅଣ୍ଡିରା କୃଷ୍ଣସାରଙ୍କ ମଧ୍ୟରେ ଯୁଦ୍ଧ ହୋଇଥାଏ। ଲୋକଙ୍କର ବିଶ୍ୱାସ ଅଞ୍ଚଳରେ କୃଷ୍ଣସାର ମୃଗମାନଙ୍କର ଚଳପ୍ରଚଳ ଯୋଗୁ ବର୍ଷା ହୋଇଥାଏ । ତେଣୁ ଏମାନଙ୍କୁ ନ ମାରି ସୁରକ୍ଷା ଦିଆଯାଏ। ଜିଲାର ପ୍ରାୟ ୭୦ଗ୍ରାମାଞ୍ଚଳରେ ଏମାନଙ୍କ ଚଳପ୍ରଚଳ ଥିବା ବେଳେ ସେମାନଙ୍କର ସୁରକ୍ଷା ପାଇଁ କୃଷ୍ଣସାର ମୃଗ ସଂରକ୍ଷଣ କମିଟି ଗଠିତ ହୋଇଛି। ଉକ୍ତ କମିଟିରେ ବୁଗୁଡ଼ା ବନାଞ୍ଚଳର ୧୪ ଗ୍ରାମ ଓ ଆସିକା ବନାଞ୍ଚଳର ୫ ଗ୍ରାମ ଏପରି ୧୯ ଗ୍ରାମକୁ ନେଇ କମିଟି ଗଠନ କରାଯାଇଛି। ଏହାର ସଭାପତି ଭାବେ ଭେଟନଇର ଅମୂଲ୍ୟ କୁମାର ଉପାଧ୍ୟାୟ ଅଛନ୍ତି । ତେବେ କୃଷ୍ଣସାର ମୃଗ ସୁରକ୍ଷା ଲାଗି ୨୦୦୫, ଅକ୍ଟୋବର ୩ ରେ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସୁରକ୍ଷା ଆୱାର୍ଡ ୨୦୦୫ରେ କୃଷ୍ଣସାର ମୃଗ ସୁରକ୍ଷା କମିଟିକୁ ପୁରସ୍କୃତ କରାଯାଇ ୫୦ ହଜାର ଟଙ୍କା ପୁରସ୍କାର ବାବଦକୁ ପ୍ରଦାନ କରାଯାଇଥିଲା । କୃଷ୍ଣସାର ମୃଗ ସୁରକ୍ଷା କମିଟି ସଭ୍ୟ ଏବଂ ଅଞ୍ଚଳବାସୀ ମୃଗଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଉଥିଲେ। କିନ୍ତୁ ପ୍ରତିବର୍ଷ ଦୁର୍ଘଟଣା ଏବଂ କେତେକ ଲୋକଙ୍କ ଶିକାର ଯୋଗୁ ମୃଗଙ୍କ ମୃତ୍ୟୁ ହେଉଛି । ତେଣୁ ଏଥିପ୍ରତି ସଚେତନ ହେବା ଜରୁରୀ। ଏମାନଙ୍କ ସୁରକ୍ଷା ଲାଗି ସରକାରଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରି ସେମାନଙ୍କର ରକ୍ଷଣାବେକ୍ଷଣ ଲାଗି ବ୍ୟାପକ ଅର୍ଥ ମଞ୍ଜୁର କରି ଉକ୍ତ ଅଞ୍ଚଳକୁ ଅଭୟାରଣ୍ୟ କରାଗଲେ ଗଞ୍ଜାମ କାହିଁକି ରାଜ୍ୟର ଆକର୍ଷଣୀୟ ସ୍ଥାନ ଭାବେ ଏହା ପରିଗଣିତ ହୋଇପାରନ୍ତା। ଏ ସମ୍ପର୍କରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା କହିଛନ୍ତି, କୃଷ୍ଣସାର ମୃଗଙ୍କ ସୁରକ୍ଷା ପାଇଁ ସବୁବେଳେ ଉଦ୍ୟମ ଜାରି ରହିଛି। ସେମାନଙ୍କ ପାଇଁ ପ୍ରତିବର୍ଷ ଯାହା ଅର୍ଥ ଆସୁଛି ଖାଦ୍ୟ ପାନୀୟ ସହ ଗ୍ରାମଗୁଡ଼ିକରେ ମାଗଣା ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ଗୃହପାଳିତ ପ୍ରାଣୀଙ୍କ ପାଇଁ ଚିକିତ୍ସା କରାଯାଉଛି । ଯେପରି କୃଷ୍ଣସାରଙ୍କର କୌଣସି ରୋଗ ସଂକ୍ରମିତ ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି । କୃଷ୍ଣସାରଙ୍କ ସୁରକ୍ଷା ପାଇଁ ଧ୍ୟାନ ଦିଆଯାଉଛି ବୋଲି ସେ କହିଥିଲେ ।



**୧୯୭୩ରେ ହୋଇଥିଲା ପ୍ରଥମ ଗଣନା**

# ଏମ୍‌କେସିଜିରେ କରୋନା ସନ୍ଦିଗ୍ଧ ଛାତ୍ର

**ବ୍ରହ୍ମପୁର ଅଫିସ, ୧୬।୩:** ବ୍ରହ୍ମପୁର ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ର ଜ୍ୱରରେ ଆକ୍ରାନ୍ତ ହେବାପରେ ସୋମବାର ସନ୍ଧ୍ୟାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଛାତ୍ର ଜଣଙ୍କୁ କାଶ ସହ ଜ୍ୱର ହୋଇଥିବାରୁ ଏମ୍‌କେସିଜି ମେଡିକାଲର ସ୍ୱତନ୍ତ୍ର କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି। ନିକଟରେ ଛାତ୍ର ଜଣକ କାଜାକସ୍ଥାନରେ ରହୁଥିବା ଜଣେ ସମ୍ପର୍କୀଙ୍କ ଘରକୁ ଯାଇ ସେଠାରୁ ଫେରିଥିବାବେଳେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ମଙ୍ଗଳବାର ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଭୁବନେଶ୍ୱର ଆର୍‌ଆର୍‌ସିକୁ ପଠାଯିବ ବୋଲି ମେଡିକାଲ ସୂତ୍ରରୁ ପ୍ରକାଶ। ସେହିପରି ପୂର୍ବରୁ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ୩ ଜଣ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଥିବା ଜଣାପଡିଥିଲେ ମଧ୍ୟ ଏନେଇ ମେଡିକାଲ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

# ପଞ୍ଚାୟତରେ ଖୋଲାଯିବ ସ୍ୱତନ୍ତ୍ର ଆଇସୋଲେଶନ କେନ୍ଦ୍ର

ରାଇକିଆ ୧୬।୩(ଡି.ଏନ୍.ଏ.): ରାଇକିଆ ବ୍ଲକ ସଭା ଗୃହରେ ସୋମବାର କରୋନା ମୁକାବିଲା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପ୍ରବୀଣ ବାଣୁଆ ଅଧ୍ୟକ୍ଷତା କରିଥିଲେ। ଗ୍ରାମାଞ୍ଚଳ ଲୋକଙ୍କୁ କରୋନା ସଚେତନତା ପାଇଁ ଆଲୋଚନା ହୋଇଥିଲା। ପ୍ରତି ପଞ୍ଚାୟତରେ ଆଇସୋଲେଶନ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଡାକ୍ତର ରୋନିତ୍, ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ଥାନାଧିକାରୀ ଅଲେଖ ଗରଡ଼ିଆ, ତହସିଲଦାର ଶାରଦାକାନ୍ତି ଦଳେଇ, ଜିଲା ପରିଷଦ ସଭ୍ୟ ଝୁଲିମା ଦଳ ବେହେରା, ବ୍ଲକ ଉପାଧ୍ୟକ୍ଷ ସୁରେଶ ପ୍ରଧାନ, ସାହାରା ସଂଗଠନର ସମ୍ପାଦକ ସୁକାନ୍ତ ନାୟକ, ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

With best wishes from
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବରେ ଶୁଭେଚ୍ଛା।
EURO KIDS
Pilli Bandha Road, Chatrapur
Mob : 9348597771, 06811-263777

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ହରେକୃଷ୍ଣ ମଳିକ
ଅଧ୍ୟକ୍ଷ, ଆସିକା ପଞ୍ଚାୟତ ସମିତି
ଆସିକା (ଗଞ୍ଜାମ)

BERHAMPUR CARDIAC CENTRE
ବ୍ରହ୍ମପୁର କାର୍ଡିଆକ କେନ୍ଦ୍ର
ଆପଣଙ୍କୁ ଶୁଭେଚ୍ଛା ଜଣାଉଛି ।
ଏଠାରେ ULTRASOUND, E.C.G., EEG ଓ ସମସ୍ତ ପ୍ରକାର ପରୀକ୍ଷା ଯଥା ମଳ, ମୂତ୍ର, ରକ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ପରୀକ୍ଷା କରାଯାଏ।

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଆନ୍ତରିକ ଶୁଭେଚ୍ଛା।
ସେବାରେ ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର
ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର, ଭାବାନଗର ଛକ, ବ୍ରହ୍ମପୁର,
ମୋ: 9937497593

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମ ବାର୍ଷିକ ଉତ୍ସବରେ ଶୁଭେଚ୍ଛା।
ସୁବାସ ଚନ୍ଦ୍ର ବେହେରା
ବିଧାୟକ, ଛତ୍ରପୁର

"ଧରିତ୍ରୀ" ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ସତ୍ୟନାରାୟଣ ସ୍ୱାଇଁ
ବରିଷ୍ଠ ଯୁବ ବିଜେଡି ନେତା ଓ ବରିଷ୍ଠ ସମାଜସେବୀ
ଆସିକା (ଗଞ୍ଜାମ)

शुभ कामनाओं के साथ
WITH BEST COMPLIMENTS FROM
आईआरईएल (इंडिया) लिमिटेड/IREL (India) Limited
(Formerly Indian Rare Earths Limited)
बीच सैंण्ड खनिज एवं रेअर अर्थ कंपाउन्ड का उत्पादन एवं निर्यात करनेवाली बहु स्थापित कंपनी
A MULTILOCATIONAL COMPANY MANUFACTURING & EXPORTING BEACH SAND MINERALS AND RARE EARTH COMPOUNDS
खनिज प्रभाग,चवरा, केरल MINERALS DIVISION CHAVARA, KERALA
खनिज प्रभाग,मनवाला कुरिचि, तमिलनाडु MINERALS DIVISION MANAVALAKURICHI, TN
ऑसकॉम, छत्रपुर, ओडिशा OSCOM CHATRAPUR, ORISSA
रेअर अर्थ्स प्रभाग,अलुवा, केरल R E DIVISION
उत्पाद श्रेणी/ PRODUCT RANGE
खनिजों/MINERALS
इल्मेनाइट/ILMENITE – 'Q', 'MK' & 'OR' GRADE
रुटाइल/RUTILE – 'Q', 'MK' & 'OR' GRADE
जिरकॉन/ZIRCON – 'Q', 'MK' & 'OR' GRADE
सिलिमेनाईट/SILLIMANITE – 'Q' & 'OR' GRADE
गॉरनेट/GARNET – 'MK' & 'OR' GRADE
जिरकॉन फ्लोर/ZIRCON FLOUR
मोनाजाइट/MONAZITE
रेअर अर्थ्स कंपाउन्ड/RARE EARTH COMPOUNDS
रेअर अर्थ्स क्लोराइड/RARE EARTHS CHLORIDE
रेअर अर्थ्स फ्लोराइड/RARE EARTHS FLUORIDE
सेरियम ऑक्साइड/CERIUM OXIDE
सेरियम हाइड्रेट/CERIUM HYDRATE (WET)
सेरियम हाइड्रेट (ड्राई)/CERIUM HYDRATE (DRY)
नियोडिमियम ऑक्साईड/NEODYMIUM OXIDE
डिडीमियम कार्बोनेट (ड्राई)/DIDYMIUM CARBONATE (DRY)
थोरियम नाइट्रेट/THORIUM NITRATE एवं/AND थोरियम ऑक्साइड/THORIUM OXIDE
व्यापर संबंधी जानकारी के लिए संपर्क करें/For trade enquires contact:
निदेशक (विपणन)/The Director (Marketing)
आईआरईएल (इंडिया) लिमिटेड/IREL (India) Limited
प्लाट सं./Plot No. 1207, वीर सावरकर मार्ग/Veer Savarkar Marg
सिद्धि विनायक मंदिर के सामने/Opp. Siddhi Vinayak Temple
मुंबई/MUMBAI – 400 028, इंडिया/INDIA
Ph No.: +91 22 2430 1755 (Direct) +91 22 2421 1630/1851/ 2438 2042 (Epabx)
Fax No: +91 22 2422 0236 22 24385575
Visit our Web site : www.irel.co.in

2000 + RECRUITMENTS SINCE 2001
SAMANTROY ACADEMY
BRAHMAPUR (GANJAM)
BANK - RAILWAY - SSC
ARMY - NAVY - AIR FORCE
CELL : 9861077371, 9090699770, 8249962287

# ଶୋଭା ବଢ଼ାଉଛି ପଦ୍ମନାଭପୁର ଶନିମନ୍ଦିର

**ସୂର୍ଯ୍ୟନାରାୟଣ ଦାଶ**
**ଶେରଗଡ,୧୬।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ମଥୁରା ପଦ୍ମନାଭପୁରରେ ରହିଛି ଦକ୍ଷିଣ ଓଡ଼ିଶାର ଅନ୍ୟତମ ଶନି ମନ୍ଦିର। ପଦ୍ମନାଭପୁର ଗ୍ରାମର ସମସ୍ତ ପରିବାର ବ୍ରାହ୍ମଣ। ଗ୍ରାମବାସୀଙ୍କ ପ୍ରଚେଷ୍ଟା ଓ ଅକୁଣ୍ଠ ସହଯୋଗରେ ତିଆରି ହୋଇଛି ଏହି ମନ୍ଦିର। ମନ୍ଦିର ପାର୍ଶ୍ୱରେ ରହିଛି ମୁକ୍ତେଶ୍ୱର ପୀଠ। ପୀଠ ନିକଟରେ ଗ୍ରାମଦେବତୀ, ମା' କାଲୁଆ ଓ ମା' ମଙ୍ଗଳାଙ୍କ ମନ୍ଦିର ସହ ବିସ୍ତୀର୍ଣ୍ଣ ପଡିଆ ଓ ସବୁଜ ବନରାଜି ପୀଠର ଶୋଭାକୁ ଦ୍ୱିଗୁଣିତ କରିଥାଏ। ମନ୍ଦିରର ପୂଜାର୍ଚ୍ଚନା ଠାରୁ ଆରମ୍ଭ କରି ରକ୍ଷଣାବେକ୍ଷଣ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି ମଥୁରାପଦ୍ମନାଭପୁର ଗ୍ରାମବାସୀ।

୨୦୧୧ ଡିସେମ୍ବର ୧୦ତାରିଖରେ ଗ୍ରାମର ବ୍ରାହ୍ମଣମାନେ ବୈଠକ କରି ଶନି ମନ୍ଦିର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ସମ୍ବରଗଣ୍ଡ ନାଳରୁ ଶିଳା ଆଣି ସ୍ଥାପନ କରାଗଲା। ୧୧ ତାରିଖ ଶନିବାର ଥିବାରୁ ସକାଳୁ ପୂଜାର୍ଚ୍ଚନା ପରେ ଏକ ବରଗଛ ମୂଳେ ଶନିଦେବଙ୍କୁ ସ୍ଥାପନ କରାଗଲା। ଏହାପରେ ମନ୍ଦିର ତିଆରି ପାଇଁ ଆରମ୍ଭ ହେଲା ଯୋଜନା। ଶନିବାର ରାତିରେ ମେଳା କରୁଥାନ୍ତି ଗ୍ରାମର ସନ୍ତୋଷ ଷଡ଼ଙ୍ଗୀ, ନାଲୁ ଷଡ଼ଙ୍ଗୀ, ଦେବବ୍ରତ ଷଡ଼ଙ୍ଗୀ, ବାସୁଦେବ ଷଡ଼ଙ୍ଗୀ। ମଛାକୋଟରେ ସତ୍ୟ ପ୍ରଧାନ ସେହିବାଟ ଯିବାବେଳେ ଏହାଦେଖି ପ୍ରତ୍ୟେକ ଶନିବାର ଯେଉଁ ମେଳା ହେବ ତାର ସମସ୍ତ ଖର୍ଚ୍ଚ ବହନ କରିବାକୁ କହିଥିଲେ। ପ୍ରତିବର୍ଷ କାର୍ତ୍ତିକ ମାସରେ ଅଖଣ୍ଡ ଦୀପ ଲାଗିଥାଏ। ପାଣି


ପୂଜା ପାଉଥିବା ଶନିଙ୍କ ଶିଳା।



ଆଣିବାକୁ ବହୁତ ବାଟ ଯିବାକୁ ପଡୁଥିବା ଦେଖି ଡାକ ସ୍ୱାଇଁ ନାମକ ଜଣେ ବ୍ୟକ୍ତି କୂଅଟିଏ ଖୋଳିଥିଲେ। ଶନିଦେବଙ୍କ ମହିମା ଓ ପ୍ରଚାର ପ୍ରସାର ଯୋଗୁ ପ୍ରାୟ ୨୦୧୨ ବେଳକୁ ପ୍ରତି ଶନିବାର ଏଠାରେ ପ୍ରାୟ ୫ ହଜାର ପାଖାପାଖି ଶ୍ରଦ୍ଧାଳୁ ଶନିଦେବଙ୍କ ଦର୍ଶନ ପାଇଁ ଆସିଲେ। ବହୁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା ହେଲା। ମନ୍ଦିର ଚାରିପଟେ ବିଭିନ୍ନ ପ୍ରକାର ଗୃହ, ଦୋକାନଘର, ପାନୀୟଜଳ ଓ ଆଲୋକ ବ୍ୟବସ୍ଥା କରାଗଲା। ଭିଡକୁ ଦୃଷ୍ଟିରେ ରଖି ସିସିଟିଭି ମଧ୍ୟ ଲଗାଯାଇଛି। ବହୁ ଶ୍ରଦ୍ଧାଳୁ ମାନସିକ କରି ପୂରଣ ହେବାପରେ ଧୀରେଧୀରେ ଆଖପାଖ ଅଞ୍ଚଳର ଲୋକଙ୍କ ବେଶ୍ ଭିଡ ଜମିଲା।

ମନ୍ଦିରରେ ଦୈନିକ ଭୋଗ ପାଇଁ ଜଣେ ବ୍ୟକ୍ତି ପଲଉ ଓ ମାଲପୁଆ ଦେଇଥାନ୍ତି। ଇତିମଧ୍ୟରେ ମନ୍ଦିରକୁ ୧୦ ବର୍ଷ ପୂରି ୧୧ ଚାଲିଛି। ଏଯାଏ ଟଙ୍କାଟିଏ ବି ସରକାରୀ ସହାୟତା ମିଳିନାହିଁ। ରାଜନୈତିକ ଇଚ୍ଛାଶକ୍ତିର ମଧ୍ୟ ଅଭାବ ଦେଖିବାକୁ ମିଳିଛି। ମନ୍ଦିର ଗଢି ଉଠିଥିବା ସ୍ଥାନରେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ଥିଲା। ତାହା ବନ୍ଦ ହୋଇଯିବାପରେ ଶନିମନ୍ଦିର ଛିଡା ହୋଇଛି। ଜମିଟି ମଧ୍ୟ ମନ୍ଦିର ନାମରେ ହୋଇନାହିଁ। ତହସିଲ ଅଧିକାରୀ ମଥୁରା ଶନିମନ୍ଦିର ନାମରେ ଜମିର ପଟ୍ଟା କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ତହସିଲଦାରଙ୍କୁ ଅବଗତ କରିବେ ବୋଲି ସେମାନେ କହିଛନ୍ତି।

ସରକାର ବହୁଜାଗାରେ ପାର୍କନିର୍ମାଣ, ପର୍ଯ୍ୟଟକ ରହିବାର ସୁବିଧା କରୁଥିବାବେଳେ ଏହି ପୀଠ ପ୍ରତି ଦୃଷ୍ଟି ଦେବାକୁ ପୂଜକ ତଥା କର୍ମକାଣ୍ଡ ବିଶାରଦ ସାମାଜିକ କର୍ମୀ ବିରୁପାକ୍ଷ ହୋତା କହିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟିଦେଇ ପୀଠକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭଞ୍ଜନଗର ଠାକୁରାଣୀ ଯାତ୍ରା ସ୍ଥଗିତ

**ଭଞ୍ଜନଗର,୧୬।୩(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ମଲ୍, ଗ୍ୟାରେଜ ସମେତ ଡ୍ରେସ୍ ଦୋକାନ ଆଦି ବନ୍ଦ କରିଦିଆଯାଇଛି। ଦୈନନ୍ଦିନ ବ୍ୟବହାର ହେଉଥିବା ଫଳ, ପନିପରିବା, ରାଶନ ଓ ଔଷଧ ଦୋକାନ ଆଦି ପୂର୍ବଭଳି ଖୋଲାରହିବ। ମାତ୍ର ସେଠାରେ ଭିଡ ନଜମାଇବା ପାଇଁ ପରାମର୍ଶ ଦିଆଯାଇଛି। ଭଞ୍ଜନଗର ଐତିହାସିକ ଠାକୁରାଣୀ ଯାତ୍ରାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଚଳିତ ମାସ ୨୦ରେ ଶୁଭଖୁଣ୍ଟି ସ୍ଥାପନ ହେବାର ଥିଲା। ମାତ୍ର କରୋନା ଯୋଗୁ ଏହାକୁ ୩୧ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ଦେଖି ପଦକ୍ଷେପ ନିଆଯିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବାହ୍ନରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ବସ୍ ମାଲିକ ସଂଘ, ଅଟୋ ସଂଘ, ପେଟ୍ରୋଲ ଟାଙ୍କି ମାଲିକ, ବ୍ୟବସାୟୀ ସଂଘ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ କରୋନାକୁ କିଭଳି ମୁକାବିଲା କରାଯିବ ଆଲୋଚନା ହୋଇଥିଲା। ସଫାସୁତୁରା ରହିବାକୁ ଉପ ଜିଲାପାଳ ବୈଠକରେ ଆହ୍ୱାନ କରିଥିଲେ। ଜିଲା ମଧ୍ୟକୁ ପ୍ରବେଶ କରୁଥିବା ସୀମାବର୍ତ୍ତୀ ଅଞ୍ଚଳ ଯଥା ଦୁର୍ଗାପ୍ରସାଦ, ଗାଜଲବାଡ଼ିଠାରେ କରୋନା ନିରୀକ୍ଷଣ କେନ୍ଦ୍ର ରହିବ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ଆଲୋକ ପ୍ରଧାନ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ସୁଦୀପ୍ତ ସାହୁ ପ୍ରମୁଖ ସନ୍ଧ୍ୟାରେ ଭଞ୍ଜନଗର ସହରର ବିଭିନ୍ନ ଅଞ୍ଚଳ ବୁଲି ଦୋକାନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସହରରେ ଥିବା ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ହଷ୍ଟେଲ ରାତିରେ ବନ୍ଦ କରି ଦିଆଯାଇଛି।


ଉପଜିଲାପାଳ ଲୋକଙ୍କୁ ସଚେତନ କରାଉଛନ୍ତି।

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଧନନ୍ତର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅନେକ ଅଭିନନ୍ଦନ। ଜଗନ୍ନାଥ ଭଲରେ ରଖନ୍ତୁ।
**ନିରଞ୍ଜନ ଜେନା**
ବିଜେଡି ନେତା, ଶେରଗଡ଼ ବ୍ଲକ

ଧରିତ୍ରୀ ଜନ୍ମବାର୍ଷିକ ଅବସରରେ ବ୍ରହ୍ମପୁର ସଂସ୍କରଣର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ତଥା ଶୁଭେଚ୍ଛୁଙ୍କୁ ଆନ୍ତରିକ ଅଭିନନ୍ଦନ।
**ବିଦ୍ୟାଧର ବିଶ୍ୱାଳ**
ପରିଚାଳକ, କର୍ଣ୍ଣୋଳି ଗୋଦାମ, ଗଞ୍ଜାମ

ଧରିତ୍ରୀ ଜନ୍ମ ବାର୍ଷିକ ଅବସରରେ ବ୍ରହ୍ମପୁର ତଥା ଆଖପାଖ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା। ଆଶା ସମସ୍ତେ କୁଶଳରେ ରୁହନ୍ତୁ। ଭଗବାନ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ
**ଦୁର୍ଗାମାଧବ ପାଢ଼ୀ**
କ୍ରସର, ପଥରପୁଞ୍ଜି

ମହାବୀର ପରିବାର ପକ୍ଷରୁ ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଅନେକ ଶୁଭେଚ୍ଛା।
**ମହାବୀର ପ୍ଲାଏ ଏସ୍**
**ସୁନାନ୍ତର, ଶେରଗଡ଼**
ଏଠାରେ ସିମେଣ୍ଟ, ଇଟା, ଭେପର ବ୍ଲକ ସମସ୍ତ ରକମର ସୁଲଭ ଦରରେ ମିଳେ।
**କୃଷ୍ଣଚନ୍ଦ୍ର ସାହୁ**
ସୁନାନ୍ତର, ଶେରଗଡ଼

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କ ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ।
**ସହକାରୀ ଯନ୍ତ୍ରୀ**
ଗ୍ରାମ୍ୟ ଉନ୍ନୟନ ବିଭାଗ, ଶେରଗଡ଼

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଗ୍ରାହକମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ, ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ।
**ପ୍ରଫୁଲ୍ଲ କୁମାର ସାହୁ**
F.L. Shop, ଶେରଗଡ଼

ମାଟି, ମା', ପାଣି, ପବନ, ଧରିତ୍ରୀକୁ ଭଲ ପାଇବା। ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା।
**ରଞ୍ଜନ ସେଠୀ**
ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ
**ରୀନା ସେଠୀ**
ସରପଞ୍ଚ, କୃଷ୍ଣଛାଇ ଗ୍ରାମପଞ୍ଚାୟତ, ଶେରଗଡ଼ ବ୍ଲକ

ଧରିତ୍ରୀ କାଗଜର ଲେଖାଛପା ଉଚ୍ଚକୋଟୀର। ଏହାର ସମ୍ପାଦକୀୟ ପଢ଼ିବାକୁ ବହୁତ ଭଲଲାଗେ। ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଶେରଗଡ଼ ବ୍ଲକ ଓ ଧବଳପୁର ପଞ୍ଚାୟତର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।
**ଇଂ. ଦେବୀପ୍ରସାଦ ଦାଶ**
ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ, ଶେରଗଡ଼

ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା। L.I.C.କରନ୍ତୁ, ଜୀବନକୁ ସୁରକ୍ଷିତ କରନ୍ତୁ। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।
**ଗୌତମ ମହାପାତ୍ର**
LIC Agent, ଶେରଗଡ଼ (ଗଞ୍ଜାମ)

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଶେରଗଡ଼ ବ୍ଲକ ଓ ଶେରଗଡ଼ ଗ୍ରାମର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।
**ଆସନ୍ତୁ, ସ୍ୱଚ୍ଛ ଶେରଗଡ**
**ସୁନ୍ଦର ଶେରଗଡ଼ରେ ସାମିଲ ହେବା।**
**ଦୁର୍ଗାମାଧବ ବିଷୋୟୀ**
ସମାଜସେବୀ, ଶେରଗଡ଼, ଗଞ୍ଜାମ

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଶେରଗଡ଼ ବ୍ଲକ ତଥା ଓଡ଼ିଶାର ଅଗଣିତ ପାଠକ ପାଠିକାମାନଙ୍କୁ ଆନ୍ତରିକ ଅଭିନନ୍ଦନ। ଧରିତ୍ରୀ ଏକ ନିର୍ଭୀକ ଖବରକାଗଜ।
**ଶରତ କୁମାର ରାଉତ**
ଯୋଗାଣ ନିରୀକ୍ଷକ, ଶେରଗଡ଼ ବ୍ଲକ

ଗଛ ଲଗାନ୍ତୁ ପରିବେଶକୁ ସଫା କରନ୍ତୁ। ବୃକ୍ଷ ହିଁ ଜୀବନ। ବଣର ସୁରକ୍ଷା ସହ ଜୀବଜନ୍ତୁ (ହିଂସ୍ର)ଙ୍କ ସୁରକ୍ଷା କରନ୍ତୁ। ଜଙ୍ଗଲକୁ ସଫା ନ କରି ତା'ର ଯତ୍ନ ନିଅନ୍ତୁ। ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା, ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ। ଶୁଭେଚ୍ଛା ସହ
**ପି. ସୁରଜ କୁମାର**
ଫରେଷ୍ଟର, କରଡ଼ାକଣା, ଶେରଗଡ଼ ବ୍ଲକ

ଧରିତ୍ରୀ କାଗଜ ଛପା ଓ ଲେଖାରେ ବିଶ୍ୱାସ କରେ। ସତ୍ୟ ନିର୍ଭୀକ ଖବର ଛାପେ। ଆସନ୍ତୁ ଧରିତ୍ରୀକୁ ଭଲ ପାଇବା। ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଓ ଶେରଗଡ଼ ଜନସାଧାରଣ ତଥା ୨୨ ପଞ୍ଚାୟତର ବିଜେଡିର କର୍ମୀ, ନେତା ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।
**ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ**
ଯୁବ ବିଜେଡି ସଭାପତି, ଶେରଗଡ଼ ବ୍ଲକ
**ଶ୍ରୀମତୀ ସାରସ ସ୍ୱାଇଁ**
ବ୍ଲକ ଅଧ୍ୟକ୍ଷା, ଶେରଗଡ଼

ଧରିତ୍ରୀ କାଗଜର ନିଆରା ଲେଖା ଶୈଳୀ। ତା'ର ଲେଖା ପାଇଁ ଆଜି ଓଡ଼ିଶାରେ ଅଗ୍ରଣୀ କାଗଜ ହୋଇପାରିଛି। ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଶେରଗଡ଼ ତଥା ବ୍ଲକର ଜନସାଧାରଣଙ୍କୁ ଶୁଭକାମନା।
**ଶ୍ରୀ ହୃଷୀକେଶ ପାଢ଼ୀ**
ବରିଷ୍ଠ ବିଜେଡି ନେତା, ଶେରଗଡ଼

ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଶେରଗଡ଼ ଜନସାଧାରଣ ତଥା ଯୁବବନ୍ଧୁମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭ କାମନା। (ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।)
**ଶ୍ରୀ କବିନ୍ଦ୍ରନାଥ ପଣ୍ଡା**
ଶେରଗଡ଼

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା। ମା' ଧରିତ୍ରୀ ସମସ୍ତଙ୍କୁ ଅଶେଷ ଆଶୀର୍ବାଦ କରନ୍ତୁ। ଧରିତ୍ରୀର ଖୁସିର ସମ୍ଭାର, ସମସ୍ତଙ୍କୁ ନୂଆଁ ଚେତନାରେ ଉଦ୍‌ବୁଦ୍ଧ କରୁ।
**ଜଣେ ଶୁଭେଚ୍ଛୁ**
ଶେରଗଡ଼

ଧରିତ୍ରୀ ମାଁ ଧରିତ୍ରୀ ଧର୍ମ ଧାରଣେ। ଧରିତ୍ରୀ ଖବରକାଗଜର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଅନେକ ଶୁଭେଚ୍ଛା।
**ବନୋଜକାନ୍ତ ସେଠୀ**
ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଶେରଗଡ଼

ଧରିତ୍ରୀ କାଗଜର ଲେଖା ଛପା ଉଚ୍ଚକୋଟୀର। ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା। ଜଗତର ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ। ଶୁଭେଚ୍ଛା ସହ
**ମହିନ୍ଦ୍ର କୁମାର ଷଡ଼ଙ୍ଗୀ**
ସହକାରୀ ନିର୍ବାହୀ ଯନ୍ତ୍ରୀ, ଶେରଗଡ଼ ବ୍ଲକ

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା। ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।
**ଇଂ. ମଧୁସୂଦନ ଦାଶ**
ଯନ୍ତ୍ରୀ, ଜଳସେଚନ କାର୍ଯ୍ୟାଳୟ, ପିତଳ ଛକ, ଶେରଗଡ଼

ଧରିତ୍ରୀ ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ଓ ପାଠିକାମାନଙ୍କୁ ଅନ୍ତରର କୃତଜ୍ଞତା ଜଣାଉଛି। ଜଗତର ନାଥ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ। ଶେରଗଡ଼ର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।
**ଶରତ ଚନ୍ଦ୍ର ପାତ୍ର**
ବ୍ଲକ ବିଜେଡି ସଭାପତି, ଶେରଗଡ ବ୍ଲକ

# ପ୍ରୋତ୍ସାହନ ଅଭାବ: ଦୁର୍ଦ୍ଦିନରେ ପଥର କାରିଗର


କାର୍ଯ୍ୟରେ ନିମଗ୍ନ ପଥର କାରିଗର।

## ଲିଜ୍ ହେଉନି ଜଙ୍ଗଲ
## ବାରଣ କରାଯାଉଛି ପାହାଡ଼ ପଥର

**ବିଦ୍ୟାଧର ସାହୁ**
**ଗଞ୍ଜାମ, ୧୬।୩(ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ କୁଶପଲି ଦଳିତ ସାହି ଓ ଆଖପାଖ ଅଞ୍ଚଳରେ ଥିବା ପଥର କାରିଗରମାନେ କିଛି ବର୍ଷ ଧରି ପଥରରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ତିଆରି କରି ବିକ୍ରି କରୁଥିଲେ। ପଥର ତିଆରି ଶିଳ, ଗୁଡୁପା, ଘୋରଣା, ପେଷଣା ଓ ଚନ୍ଦନ ପେଡି ଆଦିକୁ ଝିଅମାନେ ଶାଶୁଘର ଯିବା ସମୟରେ ସାଙ୍ଗରେ ନେଉଛନ୍ତି। ପୂର୍ବରୁ ଏଗୁଡ଼ିକର ବହୁଳ ବ୍ୟବହାର ହେଉଥିବା ବେଳେ ବର୍ତ୍ତମାନ ବିଜ୍ଞାନ ଯୁଗରେ ତାହା କିନ୍ତୁ କେତେକ ମାତ୍ରାରେ କମିଯାଇଛି। ଅତ୍ୟାଧୁନିକ ଯୁଗରେ ବେସର କିମ୍ବା ଚାଉଳ, ମାଣ୍ଡିଆ ଆଦି ବାଟିବା ପାଇଁ ପଥରରେ ନିର୍ମିତ ଶିଳ ଅପେକ୍ଷା ଗ୍ରାଇଣ୍ଡରକୁ ଲୋକେ ଅଧିକ ପସନ୍ଦ କରିଥାନ୍ତି। ତଥାପି ଏବେ ମଧ୍ୟ ଗ୍ରାମାଞ୍ଚଳଗୁଡ଼ିକରେ ବିବାହ କାର୍ଯ୍ୟରେ କେତେକ ପରିବାରରେ ଝିଅମାନଙ୍କୁ ପଥରରେ ତିଆରି ବିଭିନ୍ନ ସାମଗ୍ରୀ ଦେଉଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ଏହି ପଥର କାରିଗରଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା କୁଶପଲି ଦଳିତ ସାହିର ବଳରାମ ଦାସ କହିଛନ୍ତି। ସେ କହିଛନ୍ତି, ଯେତେ ଇଲେକ୍ଟ୍ରୋନିକ ମେଶିନ ବାହାରିଥିଲେ ମଧ୍ୟ ବିବାହ ସିଜନରେ ଲୋକମାନେ ଏହା କିଣିବାକୁ ଆସିଥାନ୍ତି। କିନ୍ତୁ ପଥର ଅଭାବ ଯୋଗୁ ସେମାନଙ୍କୁ ଆମେ ଫେରାଇବାକୁ ବାଧ ହେଉଛୁ। ଏଥିସହ ସ୍ଥାନୀୟ ଜଙ୍ଗଲ ଲିଜ୍ ହେଉନି। ପାହାଡରୁ ପଥର ନେବାକୁ ବନ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଫଳରେ ଆମେ କୌଳିକ ବୃତ୍ତିରୁ ମୁହଁ ଫେରାଇବାକୁ ବାଧ ହେଉଛୁ ବୋଲି କୁଶପଲି ଦଳିତ ସାହିର ପଥର କାରିଗର ସୀମା ଦାସ, କୃଷ୍ଣ ଦାସ, ଚରଣ ଦାସ ପ୍ରମୁଖ କହିଛନ୍ତି।

ଉକ୍ତ ସାହିରେ ୬୦ ରୁ ୭୦ ପରିବାର ରହୁଛନ୍ତି। ସମସ୍ତେ ପଥର କାରିଗର। କିନ୍ତୁ କେତେକ କଟକଣା ଯୋଗୁ କୌଳିକ ବୃତ୍ତି ଛାଡ଼ିବାକୁ ବାଧ ହେଉଛୁ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତି ଶଙ୍କର ରାଏଙ୍କୁ ପଚାରିବାରୁ ଓଡ଼ିଶା ଜୀବିକା ମିଶନ କର୍ମଚାରୀ ପଠାଇ ତଦନ୍ତ ପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

# କଫିବଗିଚା, ଜଳପ୍ରପାତ ବୁଲିଲେ ପର୍ଯ୍ୟଟକ
## ଜିଲା ପ୍ରଶାସନ ନିର୍ଦ୍ଦେଶକୁ ବେଖାତିର

**ଦାରିଙ୍ଗବାଡ଼ି, ୧୬।୩(ଡି.ଏନ୍.ଏ.)**

ସାରା ପୃଥିବୀରେ ଏବେ କରୋନା ଭୟ। ରାଜ୍ୟ ବିପର୍ଯ୍ୟୟ ଘୋଷଣା ପରେ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି ସମସ୍ତ ନିର୍ଦ୍ଦେଶକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ନିର୍ଦ୍ଦେଶ ପ୍ରକାରେ ଦାରିଙ୍ଗବାଡ଼ିର ସମସ୍ତ ପାର୍କ ବନ୍ଦ କରିଦିଆଯାଇଥିଛି। ମାତ୍ର କଫି ବଗିଚା ଏବଂ ମିଡ଼ିୟୁବାନ୍ଦା ଜଳପ୍ରପାତକୁ ଦୈନିକ ଶହଶହ ପର୍ଯ୍ୟଟକ ଆସୁଛନ୍ତି। କଫି ବଗିଚା ଦାୟିତ୍ୱରେ ରହିଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଟିକେଟ ବିକ୍ରି ସହ ପର୍ଯ୍ୟଟକଙ୍କୁ ଭିତରକୁ ଛଡାଯାଉଛି। ସେହିଭିତରେ ସମସ୍ତ ପ୍ରକାର ଖୁଚୁରା ଦୋକାନ ମଧ୍ୟ ଖୋଲାରହିଛି। ସେହିପରି ଦାସିଂବାଡ଼ିଠାରେ ଥିବା ମିଡ଼ିୟୁବାନ୍ଦା ଜଳପ୍ରପାତଠାରେ ମଧ୍ୟ ପର୍ଯ୍ୟଟକଙ୍କଠାରୁ ପାର୍କିଂ ଫି ଆଦାୟ କରି ଭିତରକୁ ଛଡାଯାଉଛି।

ଭୁବନେଶ୍ୱରରୁ ଆସିଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି ଯେ, ସେମାନଙ୍କୁ ଏହି ପାର୍କ ଏବଂ ଜଳ ପ୍ରପାତ ଭିତରକୁ ଯିବାକୁ ଅନୁମତି ଦିଆଯିବା ସହ ଶୀଘ୍ର ବାହାରି ଯିବାକୁ କୁହାଯାଉଛି। ଚଞ୍ଚକତା କରି ଫି' ଆଦାୟ କରିବା ସହ ପର୍ଯ୍ୟଟକଙ୍କୁ କଫି ବଗିଚା ଏବଂ ଜଳପ୍ରପାତ ଭିତରୁ ବାହାରିବା କୁହାଯିବା ନେଇ ପର୍ଯ୍ୟଟକଙ୍କ ଭିତରେ ଅସନ୍ତୋଷ ଦେଖାଯାଇଛି।


କଫିବଗିଚାରେ ପର୍ଯ୍ୟଟକ ବୁଲୁଛନ୍ତି।

ପ୍ରଶାସନ ନିର୍ଦ୍ଦେଶକୁ କାହିଁକି ଅବମାନନା କରାଯାଇଛି ବୋଲି ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର ନାୟକଙ୍କୁ ପଚାରିବାରୁ, ସେ କହିଛନ୍ତି ଯେ, ଜିଲାପାଳଙ୍କ ନିର୍ଦ୍ଦେଶ ସମ୍ପର୍କରେ ସେ ରବିବାର ଶୁଣିଲେ। ସୋମବାର ଦାରିଙ୍ଗବାଡ଼ି ଗସ୍ତ କରି କଫିବଗିଚା ବନ୍ଦ ରଖିବାକୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାରଠାରୁ ଏହା ବନ୍ଦ ରଖାଯିବ ବୋଲି ସେ କହିଛନ୍ତି। ମିଡ଼ିୟୁବାନ୍ଦା ଜଳପ୍ରପାତକୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ପାଇଁ କୁହାଯାଇଥିଲା, କାହିଁକି ଖୋଲାଯାଇଛି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଗୁଡ଼ା ଡିଏଫ୍ଓ ବିଶ୍ୱନାଥନ୍ ନିଳନଭର କହିଛନ୍ତି।

ଶୁଭେଚ୍ଛା ସହ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆସିକା
ଡାକ୍ତର ପ୍ରମୋଦ କୁମାର ପଣ୍ଡା, ସଭାପତି
ଇଂ. ବସନ୍ତ କୁମାର ଷଡଙ୍ଗୀ, ସଂପାଦକ
ଶ୍ରୀ ଶରତ ଚନ୍ଦ୍ର ମୁନି, ପ୍ରଧାନାଚାର୍ଯ୍ୟ

ଧରିତ୍ରୀ ଏକ ନିରପେକ୍ଷ ଖବର କାଗଜ । ଜନ୍ମବାର୍ଷିକ ଉତ୍ସବ ଅବସରରେ ସମସ୍ତ ଧରିତ୍ରୀ ପରିବାରକୁ ମୋର ଆନ୍ତରିକ ଶୁଭେଚ୍ଛା ।
ହରିହର ବାରିକ
କ୍ଲର୍କ, ଭାରତୀ ବିଦ୍ୟାପୀଠ, ଗଞ୍ଜାମ

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ଉପଲକ୍ଷେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ତତ୍ ସଙ୍ଗେ ସଙ୍ଗେ ସମସ୍ତ ସହରବାସୀଙ୍କୁ ଶୁଭେଚ୍ଛା।
ରାକେଶ ରଞ୍ଜନ ଦାସ (ସିଲୁ)
ଗଞ୍ଜାମ NAC ନିର୍ବାଚନ ଅଧିକାରୀ ତଥା ବିଜେଡି, ଯୁବସଙ୍ଗଠକ

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଏ ଅବସରରେ ବୁଗୁଡା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।
ଶ୍ରୀ ଚିତ୍ରସେନ ପ୍ରଧାନ
ବୁଗୁଡା ନଗର ବିଜେଡି କାର୍ଯ୍ୟକାରୀ ସଭାପତି, ପ୍ରତିନିଧି ଓ ପୂର୍ବତନ ଉପ ନଗରପାଳ, ବୁଗୁଡା

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ନିମନ୍ତେ ଗଞ୍ଜାମ NACର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁଧୀର କୁମାର ପାଢୀ
ପୂର୍ବତନ MP ପ୍ରତିନିଧି ତଥା ବିଜେଡି ଯୁବନେତା

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଓ ସହରର ସମସ୍ତ ଗୁରୁଜନଙ୍କୁ ମୋର ପ୍ରଣାମ ।
ଅଜୟ କୁମାର ସାହୁ(ଅଜୁ)
କଣ୍ଟ୍ରାକ୍ଟର, ଗଞ୍ଜାମ

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମ ବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା । ଏ ଅବସରରେ ବୁଗୁଡା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀ ସୂର୍ଯ୍ୟ ନାରାୟଣ ମହାନ୍ତି
ନଗର ଭାଜପା ସଭାପତି, ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଗୁଡା (ଗଞ୍ଜାମ)

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୋଲସରାଅଞ୍ଚଳର ସମସ୍ତଙ୍କୁ ଶୁଭକାମନା ଜଣାଉଛୁ। ଧରିତ୍ରୀ ଠିକ୍ ଦେଖେ ଠିକ୍ ଲେଖେ।
ସନ୍ୟାସୀ ସାହୁ
ସଭାପତି, ପ୍ରାଥମିକ ଶିକ୍ଷକ ସଂଘ, ପୋଲସରା (ଏନ୍.ପି.ଏସ୍.)
ଦିଲୀପ କୁମାର ସେଠୀ
ସଂପାଦକ, ପ୍ରାଥମିକ ଶିକ୍ଷକ ସଂଘ, ପୋଲସରା (ଏନ୍.ପି.ଏସ୍.)

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ ସହରର ସମସ୍ତ ବ୍ୟବସାୟୀ ଓ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଗୌରୀଶଙ୍କର ବାରିକ
ବଣିକ ସଂଘ ସଭାପତି ବଡ଼ ବଜାର, ଗଞ୍ଜାମ

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ ପାଳିବନ୍ଧ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଦିଲୀପ କୁମାର ଛଟରାଏ
ସରପଞ୍ଚ, ପାଳିବନ୍ଧ ପଞ୍ଚାୟତ, ଗଞ୍ଜାମ ବ୍ଲକ

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା। ମାନବ ସେବା ହିଁ ମାଧବ ସେବା। ଭଗବାନ ସତ୍ୟସାଇ ଜଗତର ମଙ୍ଗଳ କରନ୍ତୁ ଏହା ହିଁ କାମନା।
ଶ୍ରୀ ଡଃ କୁମୁଦ ଚନ୍ଦ୍ର ବେହେରା (ପି.ଏଚ୍.ଡି)
ନିର୍ଦ୍ଦେଶକ 'ଇଣ୍ଡିଆ' ସ୍ୱେଚ୍ଛାସେବୀ ସଙ୍ଗଠନ, ବୁଗୁଡା

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆନ୍ତରିକ ଅଭିନନ୍ଦନ। ଧରିତ୍ରୀର ଚଲାପଥ କୁସୁମିତ ହେଉ ଭଗବାନଙ୍କଠାରେ ପ୍ରାର୍ଥନା। ଶିକ୍ଷାଦାନ ମହତ୍ କାମ
ଶ୍ରୀ ଡଃ ବିବେକା ନନ୍ଦ ପଟ୍ଟନାୟକ
ଅଧ୍ୟକ୍ଷ, ବାଲିପଦର ଆଞ୍ଚଳିକ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ, ବାଲିପଦର (ବୁଗୁଡା)

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ କାଇଁଚପୁର ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଜି. ସନ୍ତୋଷ ରେଡ୍ଡି (ଶ୍ୟାମା)
କାଇଁଚପୁର ପଞ୍ଚାୟତ ସରପଞ୍ଚ, ଗଞ୍ଜାମ ବ୍ଲକ

ବ୍ରହ୍ମପୁର ସଂସ୍କରଣର ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
କୈଳାଶ ଚନ୍ଦ୍ର ସ୍ୱାଇଁ (ଗଗନ)
ସମିତି ସଭ୍ୟ, ସନ୍ତୋଷପୁର ପଞ୍ଚାୟତ, ଗଞ୍ଜାମ ବ୍ଲକ

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୋଲସରା ଅଞ୍ଚଳବାସୀଙ୍କୁ ମୋର ଶୁଭ ଆଶିଷ କାମନା। ଆଇନକୁ ହାତକୁ ନିଅନ୍ତୁ ନାହିଁ।
ଜିତେନ୍ଦ୍ର କୁମାର ମଲ୍ଲିକ
ପୋଲସରା ଥାନାଧିକାରୀ, ପୋଲସରା

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ ବୁଗୁଡା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ଅଜସ୍ର ଅଭିନନ୍ଦନ।
ଶ୍ରୀ ଇଂ ସୁବ୍ରତ କୁମାର ପଟ୍ଟନାୟକ
ପ୍ରାକ୍ତନ ଉପ ନଗର ପାଳ, ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ବୁଗୁଡା)

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ ଗଞ୍ଜାମ NACର ସମସ୍ତ ଜନସାଧାରଣଙ୍କୁ ମୋର ଅନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ଦଣ୍ଡପାଣି ପରିଡ଼ା
ପୂର୍ବତନ କାଉନସିଲର, ଗଞ୍ଜାମ NAC

ବ୍ରହ୍ମପୁର ସଂସ୍କରଣ ଧରିତ୍ରୀର ବାର୍ଷିକ ଉତ୍ସବ ନିମନ୍ତେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା।
ପର୍ଶୁରାମ ସେଠୀ
ସହକାରୀ ଯନ୍ତ୍ରୀ, ଗଞ୍ଜାମ ବ୍ଲକ

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୋଲସରା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା। ଧରିତ୍ରୀ ଏକ ନିର୍ଭୀକ ନିରପେକ୍ଷ ଦୈନିକ ଖବରକାଗଜ।
ମୋତିରାମ ସାହୁ
ଆସିକା ସାଂସଦ ପ୍ରତିନିଧି (ଏନ୍.ଏ.ସି.) ପୋଲସରା

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଅଭିନନ୍ଦନ। ବୃକ୍ଷ ହିଁ ଜୀବନ ପିଲାଟିଏ ଗଛଟିଏ।
ଶ୍ରୀ ବି. ଗୋପାଳ ଚନ୍ଦ୍ର ପାତ୍ର
ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ ବରିଷ୍ଠ କ୍ରୀଡ଼ା ଶିକ୍ଷକ, ତାଳଶାକର ମହାମାଇ ଉଚ୍ଚ ବିଦ୍ୟାଳୟ (ବୁଗୁଡା)

ଧରିତ୍ରୀ
DHARITRI
ମଙ୍ଗଳବାର, ୧୭ ମାର୍ଚ୍ଚ, ୨୦୨୦






## ସଂକ୍ଷେପରେ

### ଚଢ଼ାଦରରେ ମାସ୍କ ବିକ୍ରି ଦୋକାନ ସିଲ

ବ୍ରହ୍ମପୁର ଅଫିସ, ୧୬।୩: କରୋନା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ମାସ୍କ ବ୍ୟବହାର କରାଯିବା ଦିଗରେ ସଚେତନତା ଜାରି କରାଯାଇଛି। ଏହାର ସୁଯୋଗ ନେଇ କିଛି ଔଷଧ ଦୋକାନୀ ମାସ୍କଗୁଡିକୁ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା।
ଅଭିଯୋଗ ପରେ ସୋମବାର ମାସ୍କଗୁଡିକୁ ଚଢ଼ାଦରରେ ବିକ୍ରି କରୁଥିବା ମେଡିକାଲ ଷ୍ଟୋର ଉପରେ ଚଢାଉ ହୋଇଛି। ଅପରାହ୍ନରେ ସିଟି ହସ୍‌ପିଟାଲ ରୋଡରେ ଥିବା ଶିବ ହୋମିଓ ହଲକୁ ସିଲ୍ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡେପୁଟି କମିଶନର ଅଶୁତୋଷ ସାମଲ ଦୋକାନକୁ ସିଲ୍ କରିଛନ୍ତି।

### ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶିତ

ବ୍ରହ୍ମପୁର ଅଫିସ, ୧୬।୩: ଗଞ୍ଜାମ ଜିଲାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ମୋଟ ୧୭୬୦ ଜଣଙ୍କୁ ଚୟନ କରାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ, ୧୬।୩: ବୈଦ୍ୟନାଥପୁର ପୋଲିସ ସୋମବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଧନଞ୍ଜୟ ପଣ୍ଡା (୪୫)। ସେ ଛତ୍ରପୁର ପଟ୍ଟନାୟକ କଲୋନୀର ମୂଳ ନିବାସୀ ଥିବା ବେଳେ ଅନନ୍ତ ନଗରରେ ଘର ଭଡା ନେଇ ରହୁଥିଲେ ବୋଲି ପୋଲିସ କହିଛି। ନଂ.୧୯୪/୧୨ ରେ ଏକ ଚେକ୍ ବାଉନ୍ସ ମାମଲାର ବିଚାର ବେଳେ ଧନଞ୍ଜୟ କୋର୍ଟରେ ଅନୁପସ୍ଥିତ ଥିଲେ। ଏଣୁ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ।

### ଅଜଣା ଜନ୍ତୁ ଆକ୍ରମଣରେ ୩୨ ଛେଳି ଛୁଆ ମୃତ

ବୁଗୁଡ଼ା,୧୬।୩(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଗୋଲାବଞ୍ଜର ଗ୍ରାମରେ ଅଜଣା ଜନ୍ତୁଙ୍କ ଆକ୍ରମଣରେ ରବିବାର ରାତିରେ ୩୨ ଛେଳି ଛୁଆର ମୃତ୍ୟୁ ଘଟିଛି। ସୋମବାର ସକାଳେ ୨ ଛେଳିର ପେଟରୁ ଅନ୍ତଃ ବୁଜୁଳା ବାହାରି ପଡ଼ିଥିବା ବେଳେ ଅନ୍ୟ ୩୦ଟି ଛୁଆର ବେକରେ ଦାନ୍ତ ଚିହ୍ନ ଦେଖିବାକୁ ମିଳିଥିଲା। ଖବର ପାଇ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଛେଳିମାନଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଥିଲେ। ଜଙ୍ଗଲ ବିରାଡ଼ିର ଆକ୍ରମଣ ଯୋଗୁ ଛେଳିମାନଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ଛେଳି ଚାଷ ଦ୍ୱାରା ଜୀବିକା ଅର୍ଜନ କରୁଥିବା ମାଲିକଙ୍କୁ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି।

# ୨୦୧୯-୨୦ ସୁଦ୍ଧା ୯୭ ବିବାହ ବନ୍ଦ

ସୁବାସ ପାଢୀ
ବ୍ରହ୍ମପୁର ଅଫିସ, ୧୬।୩

ସମାଜରେ ଥିବା କୁସଂସ୍କାର ମଧ୍ୟରେ ଅନ୍ୟତମ ହେଉଛି ବାଲ୍ୟ ବିବାହ। ପୂର୍ବ କାଳରୁ ଚଳି ଆସୁଥିବା ଏହି ପ୍ରଥା ଆଜି ସେତେଟା ନାହିଁ। କିନ୍ତୁ ତଥାପି କେତେକ ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ଆଜି ବି ଏହି କୁସଂସ୍କାର ଦେଖିବାକୁ ମିଳୁଛି। ବାଲ୍ୟ ବିବାହ ନ କରାଇବା ପାଇଁ ସରକାରୀ ଓ ବେସରକାରୀସ୍ତରରେ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ତାହା ବନ୍ଦ ହେବାର ନା ନେଉନାହିଁ। ଗଞ୍ଜାମ ଜିଲାରେ ୨୦୧୯-୨୦ ଆର୍ଥିକ ବର୍ଷ ମାର୍ଚ୍ଚ ୧୫ ସୁଦ୍ଧା ୯୭ ବାଲ୍ୟ ବିବାହକୁ ଚାଇଲ୍ଡ ଲାଇନ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ବନ୍ଦ କରାଯାଇଛି। ଏହାସତ୍ତ୍ୱେ ମଧ୍ୟ ଜିଲାର ଅଧିକାଂଶ ସ୍ଥାନ ତଥା କେତେକ ଆଦିବାସୀ ଅଧ୍ୟୁଷିତ ଇଲାକାରେ ଅଶିକ୍ଷିତ ଲୋକମାନେ ବାଲ୍ୟ ବିବାହ କରୁଛନ୍ତି, ଯାହାକି ଚିନ୍ତାର ବିଷୟ। ଭାରତରେ ବାଲ୍ୟ ବିବାହ ପ୍ରଥାକୁ ପ୍ରଥମେ ରାଜା ରାମମୋହନ ରାୟ ବିରୋଧ କରିଥିଲେ। ୧୯୨୯ରେ ଭାରତରେ ବାଲ୍ୟ ବିବାହ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଇଥିଲା। ପ୍ରଥମେ ବିବାହ ବୟସ କମ୍ ଥିଲା। ପରବର୍ତ୍ତୀ ସମୟରେ ସଂଶୋଧିତ ଆଇନ ଅନୁସାରେ ଝିଅକୁ ୧୮ ଓ ପୁଅକୁ ୨୧ ବର୍ଷ ହେବା ପରେ ବିବାହ କରାଯାଇପାରିବ ବୋଲି ନିୟମ ହୋଇଥିଲା। ହେଲେ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯାଇ ପାରି ନ ଥିଲା। ଏହି ନିୟମ ଉଲ୍ଲଂଘନ କଲେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ପରେ ସମନ୍ୱିତ ଶିଶୁ ବିକାଶ ବିଭାଗ, ଶିଶୁ ସୁରକ୍ଷା ପ୍ରକଳ୍ପ (ସିଡବ୍ଲ୍ୟୁସି) ଓ ଚାଇଲ୍ଡ ଲାଇନକୁ ବାଲ୍ୟ ବିବାହ ରୋକିବା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଥିଲା। ଚାଇଲ୍ଡ ଲାଇନ୍ ସହାୟତାରେ ଜିଲା ପ୍ରଶାସନ ୨୦୧୬-୧୭ ଆର୍ଥିକ ବର୍ଷରେ ୭ ବାଲ୍ୟ ବିବାହ ବନ୍ଦ କରିଥିଲା। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୬୪ ବନ୍ଦ କରାଯାଇଥିଲା। ୨୦୧୮-୧୯ରେ ୨୭ ବନ୍ଦ କରାଯାଇଥିବା ବେଳେ ଚଳିତ ବର୍ଷ ୯୭ଟି ବନ୍ଦ କରାଯାଇଥିଲା। ଜିଲାର ଖଲ୍ଲିକୋଟ, ଶେରଗଡ଼, ସୋରଡ଼ା, ହିଞ୍ଜିଳି, ଆସିକା, ବୁଗୁଡ଼ା, କୋଦଳା ଓ ଜଗନ୍ନାଥପ୍ରସାଦ ଆଦି ଅଞ୍ଚଳରେ ବାଲ୍ୟବିବାହ ଦୃଷ୍ଟିକୁ ଆସିଛି। ଚଳିତ ବର୍ଷ ସୋରଡ଼ା ବ୍ଲକ ଧରାକୋଟ ଥାନାରେ ଗୋଟିଏ ମାମଲା ରୁଜୁ ହୋଇଥିବା ବେଳେ ବଡ଼ଗଡ଼ ଥାନାରେ ମଧ୍ୟ ଗୋଟିଏ ମାମଲା ରୁଜୁ ହୋଇଛି। ସେହିପରି ହିଞ୍ଜିଳି ଥାନାରେ ଗୋଟିଏ, ଆସିକା ଥାନାରେ ଗୋଟିଏ ମାମଲା ରୁଜୁ ହୋଇଥିବା ଚାଇଲ୍ଡ ଲାଇନ୍ ସୂତ୍ରରୁ ପ୍ରକାଶ। ଲୋକଙ୍କ ମଧ୍ୟରେ ସଚେତନତାର ଅଭାବଯୋଗୁ ବାଲ୍ୟ ବିବାହକୁ ମୂଳପୋଛ କରାଯାଇ ପାରୁନାହିଁ। ଏ ଦିଗରେ ଲୋକଙ୍କୁ ସଚେତନ କରିବା ପାଇଁ ସେପରି କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇନାହିଁ। ଯେଉଁ ସମୟରେ ବାଲ୍ୟ ବିବାହ ଅଭିଯୋଗ ଆସୁଛି ଜିଲାର ପ୍ରଶାସନିକ ଅଧିକାରୀ ପୋଲିସକୁ ନେଇ ସେଠାରେ ପହଞ୍ଚୁଛନ୍ତି। ପୁଅ, ଝିଅର ମା, ବାପାଙ୍କୁ ବାଲ୍ୟ ବିବାହର କୁପ୍ରଭାବ ଓ ସମସ୍ୟା ସମ୍ପର୍କରେ ସଚେତନ କରାଉଛନ୍ତି। ଅଧିକାଂଶ ସମୟରେ ମାତାପିତା ବାଲ୍ୟ ବିବାହ ବନ୍ଦ କରୁଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଲୋକେ ସବୁକିଛି ବୁଝିବା ପରେ ପୁଣିଥରେ ନାବାଳକ ପୁଅ, ଝିଅଙ୍କୁ ଲୁଚାଇ ବିବାହ କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ ପ୍ରଶାସନ ଅଧିକ ଦୃଷ୍ଟି ଦେଇ ଏହାକୁ ବନ୍ଦ କରିବା ଦରକାର ବୋଲି ଲୋକେ ମତ ଦେଉଛନ୍ତି। ସେପଟେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିବା ପର୍ଯ୍ୟନ୍ତ ବାଲ୍ୟ ବିବାହକୁ ରୋକାଯାଇପାରିବ ନାହିଁ ବୋଲି ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ସୁଧୀର କୁମାର ସାବତ ମତ ଦେଇଛନ୍ତି।

**ବଢ଼ିଚାଲିଛି ବାଲ୍ୟ ବିବାହ**


ବାଲ୍ୟ ବିବାହ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି।

| ଆର୍ଥିକ ବର୍ଷ | ବାଲ୍ୟ ବିବାହ ବନ୍ଦ |
|---|---|
| ୨୦୧୬-୧୭ | ୭ |
| ୨୦୧୭-୧୮ | ୬୪ |
| ୨୦୧୮-୧୯ | ୨୭ |
| ୨୦୧୯-୨୦ (ମାର୍ଚ୍ଚ ୧୫ ସୁଦ୍ଧା) | ୯୭ |

# ବ୍ରହ୍ମପୁରରେ ଶପିଙ୍ଗ୍ ମଲ୍, ମାର୍କେଟ କମ୍ପ୍ଲେକ୍ସ ବନ୍ଦ



ଭିଟୁ ଶପିଙ୍ଗ୍ ମଲକୁ ବନ୍ଦ କରାଯାଇଛି।

ବ୍ରହ୍ମପୁର ଅଫିସ, ୧୬।୩

କରୋନା ମୁକାବିଲା ପାଇଁ କଠୋର ପଦକ୍ଷେପ ନେଇଛି ଜିଲା ପ୍ରଶାସନ। ରବିବାର ଗଞ୍ଜାମ ଜିଲାରେ ୧୪୪ ଧାରା ଜାରି କରାଯାଇଛି। ବ୍ରହ୍ମପୁର ସହରରେ ମହୋତ୍ସବ, ସମ୍ମିଳନୀ, ବିବାହ ବ୍ରତ ଆଦି ଉପରେ କଟକଣା ଲଗାଯାଇଛି। ସମସ୍ତ ଦୋକାନ, ଶପିଂ ମଲ, ମାର୍କେଟ କମ୍ପ୍ଲେକ୍ସ ବନ୍ଦ କରିଛି। ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସହରର ବଡବଜାର, ସାନବଜାର, ଗିରିମାର୍କେଟ, ଅନ୍ନପୂର୍ଣ୍ଣା ମାର୍କେଟ ସମେତ ସମସ୍ତ ଜନଗହଳିପୂର୍ଣ୍ଣ ଅଞ୍ଚଳର ଦୋକାନ, ସପିଂମଲ ବନ୍ଦ କରିଛନ୍ତି।

### ୨୮ ସିଏଚ୍‌ସି, ୯୦ ପିଏଚ୍‌ସିରେ ଖୋଲିବ କରୋନା କର୍ନର

କରୋନା ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ମାସ୍କ ପଠାଯାଇଛି। ଜିଲାର ୪ ସବ୍‌ଡିଭିଜନରେ ଥିବା ୨୮ ସିଏଚସି ଓ ୯୦ ପିଏଚସିରେ କରୋନା ସଚେତନତା ତଥା ସନ୍ଦିଗ୍ଧଙ୍କୁ ଚିହ୍ନଟ ପାଇଁ ସ୍ୱତନ୍ତ୍ର କର୍ନର ଖୋଲାଯିବ। ଏଥିସହ ଅଞ୍ଚଳବାସୀଙ୍କୁ ସଚେତନ କରାଯିବା ନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମପିଏଚଓ) ଡା. ଆର. ଜଗଦୀଶ ପଟ୍ଟନାୟକ ସୂଚାଇଛନ୍ତି।

**ସିଟି ହସ୍‌ପିଟାଲରେ ଆଇସୋଲେଟେଡ୍ ୱାର୍ଡ**

ସିଟି ହସ୍‌ପିଟାଲରେ ସ୍ୱତନ୍ତ୍ର ଆଇସୋଲେଟେଡ ୱାର୍ଡ ଖୋଲିଛି। ୩ ଶଯ୍ୟା ବିଶିଷ୍ଟ ଏହି ସ୍ୱତନ୍ତ୍ର ୱାର୍ଡରେ ଭେଣ୍ଟିଲେଟର, ସାନିଟାଇଜର, ପ୍ରଟେକ୍ଟିଭ୍ ମାସ୍କ ବ୍ୟବସ୍ଥା କରାଯାଇଛି।

# ବ୍ରହ୍ମପୁରରେ 'ମାସ୍କ'ର କଳାବଜାର



ବ୍ରହ୍ମପୁର ଅଫିସ, ୧୬।୩

କରୋନା ସାରା ବିଶ୍ୱରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ତାହା ଧୀରେ ଧୀରେ ରାଜ୍ୟରେ କାୟା ବିସ୍ତାର କରିବାରେ ଲାଗିଛି। ଭୁବନେଶ୍ୱରରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ଓଡ଼ିଶାରେ ମାସ୍କର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହି ସୁଯୋଗରେ ବ୍ରହ୍ମପୁର ବଜାରରେ 'ମାସ୍କ'ର କଳାବଜାରି ଆରମ୍ଭ ହୋଇଗଲାଣି। ଅନ୍ୟ ଦିନରେ ଯାହାର ଦର ୧୦ ରୁ ୧୫ ଟଙ୍କା ଥିଲା, ତାହା ବର୍ତ୍ତମାନ ବଜାରର ୫୦ ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ଏହା ସହ ସାନିଟାଇଜର ମାସେ ହେବ ମିଳୁନାହିଁ ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର ଉପ-ଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କୁ ପଚାରିବାରୁ, ମାସ୍କକୁ ନେଇ ଚାଲିଥିବା କଳାବଜାର ରୋକିବା ନିମନ୍ତେ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ବିଭିନ୍ନ ଦୋକାନ ଉପରେ ଚଢାଉ କରୁଛି। ସାଧାରଣ ଲୋକେ ଭୟଭୀତ ହେବାର କିଛି ଆବଶ୍ୟକତା ନାହିଁ। ଏସ୍‌ଓଜିମାନେ ଦିନକୁ ୨ରୁ ୩ ହଜାର ମାସ୍କ ତିଆରି କରୁଛନ୍ତି। ଯେଉଁମାନଙ୍କର ମାସ୍କର ଆବଶ୍ୟକତା ରହିଛି ସେମାନେ ଜିଲା ସାମାଜିକ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ୨୫ ଟଙ୍କା ଦେଇ ଆଣି ପାରିବେ। ଅଜିତ୍ ସାହା, ହୋଲ୍‌ସେଲ ମାସ୍କ ବ୍ୟବସାୟୀ, ଆମେ ମାସ୍କ ପିଛା ୧୭ରୁ ୧୮ ଟଙ୍କାରେ ଖୁଚୁରା ବଜାରଗୁଡିକୁ ବିକ୍ରି କରିଥାଉ। ଯଦି ସେମାନେ ଚଢ଼ା ଦରରେ ବିକ୍ରି କରନ୍ତି ତେବେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

# ଏମ୍‌କେସିଜିରେ ପୁଣି ଜଣେ କରୋନା ସନ୍ଦିଗ୍ଧ

ବ୍ରହ୍ମପୁର ଅଫିସ, ୧୬।୩

ଗଞ୍ଜାମ ଜିଲାରେ ଏବେ କରୋନାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ରହ୍ମପର ସହର ବୁଲି ବିଭିନ୍ନ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଜିଲାରେ ୧୪୪ ଧାରା ଜାରି ହୋଇଛି। ଏମ୍‌କେସିଜି ମେଡିକାଲରେ ଗତ ୧୪ ତାରିଖରେ ୩ ଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଥିବା ବେଳେ ସୋମବାର ପୁଣି ଜଣେ ୭୦ ବର୍ଷୀୟା ବୃଦ୍ଧା ଏହି ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ବୃଦ୍ଧା ଜଣକ ଦିଗପହଣ୍ଡି ଅଞ୍ଚଳର। ସେ ଫେବୃୟାରୀରେ ମାଉଣ୍ଟଆବୁ ଯାଇଥିଲେ। ୫ ଦିନ ତଳେ ଗାଁକୁ ଫେରିଥିଲେ। ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। କାଶ ନ କମିବାରୁ ତାଙ୍କୁ କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି ବୋଲି ଅଧୀକ୍ଷକ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଆରଏମ୍‌ଆରସିକୁ ପଠାଯାଇଛି। ସେହିପରି ପୂର୍ବରୁ ଚିକିଟି ଅଞ୍ଚଳର ଦମ୍ପତି ଦୁବାଇର ଆବୁଧାବିରେ ଶ୍ରମିକ ଭାବେ କାମ କରୁଥିବା ବେଳେ ନିକଟରେ ସେମାନେ ଗାଁକୁ ଫେରିଥିଲେ। ତାଙ୍କ କରୋନା ଭାଇରସ୍ ରିପୋର୍ଟ ସେଠାରେ ନେଗେଟିଭି ଥିବା ବେଳେ ଗ୍ରାମବାସୀ ତାଙ୍କୁ ପୁଣିଥରେ ପରୀକ୍ଷା ପାଇଁ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ସେହିପରି ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ଜଣେ ସନ୍ଦିଗ୍ଧ ମଧ୍ୟ ଏମ୍‌କେସିଜିରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ଲାଳ (ସ୍ୱାବ) ପରୀକ୍ଷା ପାଇଁ ଆରଏମଆରସିକୁ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା ରିପୋର୍ଟ ମିଳିନାହିଁ ବୋଲି ଅଧୀକ୍ଷକ ମିଶ୍ର କହିଛନ୍ତି। ୧୪ ତାରିଖ ସକାଳେ କୃଷ୍ଣପ୍ରସାଦ ଅଞ୍ଚଳର ଜଣେ କରୋନା ସନ୍ଦିଗ୍ଧ ଏମକେସିଜିରେ ଭର୍ତ୍ତି ହୋଇଥିଲେ। ସେ ରାତିରେ ଫେରାର ହୋଇଯାଇଥିଲେ।୧୫ ତାରିଖରେ ଏମ୍‌କେସିଜି କର୍ତ୍ତୃପକ୍ଷ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। କୃଷ୍ଣପ୍ରସାଦ ଲୋକେ ସନ୍ଦିଗ୍ଧଙ୍କୁ ଗାଁରେ ରଖାଇ ନ ଦେବାରୁ ସେ ୧୫ ତାରିଖ ବିଳମ୍ବିତ ରାତିରେ ପୁଣିଥରେ ସେ ଏମ୍‌କେସିଜିକୁ ଫେରିଥିବା ଜଣାପଡିଛି।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ** (ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା)
ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ସହରବାସୀଙ୍କୁ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରୁଅଛୁ। ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ। ୧. ପରିଷଦର ବକେୟା କର ଠିକ୍ ସମୟରେ ପୈଠ କରନ୍ତୁ। ୨. ସର୍ବସାଧାରଣ ରାସ୍ତାରେ ଇଟା, ମାଟି, ପଥର ଇତ୍ୟାଦି ଜମା କରନ୍ତୁ ନାହିଁ ଏବଂ ରାସ୍ତା ଉପରକୁ ଗୃହପାଳିତ ପଶୁ ଛାଡନ୍ତୁ ନାହିଁ। ୩. ଅଳିଆ ଆବର୍ଜନା ନାଳରେ ନ ପକାଇ ଉଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ ଏବଂ ମଶା ଓ ମାଛି ଦାଉରୁ ରକ୍ଷା ପାଆନ୍ତୁ। ୪. କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରନ୍ତୁ। ୫. ପରିଷଦର ଝାଡୁଦାର ଅଳିଆବୁହା ଗାଡିଧରି ଆପଣଙ୍କ ସାହିକୁ ଯିବା ସମୟରେ ଆପଣମାନେ ଘରର ଅଳିଆ ତାଙ୍କ ଗାଡ଼ିରେ ପକାଇ ଦିଅନ୍ତୁ। ୬. ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ। ୭. ଜ୍ୱର, କାଶ କିମ୍ବା ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରନ୍ତି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଗୋପାଳପୁର, ଗଞ୍ଜାମ**
୧. ନିଜକୁ ଓ ଅନ୍ୟମାନଙ୍କୁ କରୋନା ଭାଇରସରୁ ସୁରକ୍ଷିତ ରଖନ୍ତୁ। ୨. ପରିଷଦର ଦେୟ ଘର, ଆଲୋକ, ଜଳ ଓ ଦୋକାନ ଗୃହ ଟିକସ ସଠିକ୍ ସମୟରେ ପଇଠ କରନ୍ତୁ। ୩. ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ। ରାସ୍ତା ଉପରେ ବାଲି, ମାଟି ବା ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ। ୪. ରାସ୍ତାକଡ଼ରେ ଓ ନାଳରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରନ୍ତୁ ଓ ପଲିଥିନ୍ (ଜରି)ର ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ। ୫. ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ। ୬. ଓଦା ଆବର୍ଜନାକୁ ସବୁଜ ଡଷ୍ଟବିନ୍‌ରେ ଓ ଶୁଖିଲା ଆବର୍ଜନାକୁ ନେଳି ଡଷ୍ଟବିନ୍‌ରେ ପକାନ୍ତୁ। ରାସ୍ତା ଉପରେ ଅଳିଆ ଆବର୍ଜନା ନ ପକାଇ ପରିମଳ ଗାଡ଼ିରେ ପକାନ୍ତି।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଗୋପାଳପୁର

**ବିଜ୍ଞାପିତ ଅଞ୍ଚଳ ପରିଷଦ ପୋଲସରା, ଗଞ୍ଜାମ**
(୧) ନିଜକୁ ଓ ଅନ୍ୟମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ ଓ ସରକାରଙ୍କ ନିର୍ଦ୍ଦେଶକୁ ମାନି ସଚେତନ ହୁଅନ୍ତୁ। (୨) ପରିଷଦର ଦେୟ ଯଥା ଘର, ଆଲୋକ ଓ ଜଳ ଟିକସ, ଦୋକାନ ଗୃହ ଓ ବ୍ୟବହାର ଟିକସ ଠିକ ସମୟରେ ପୈଠ କରନ୍ତୁ। (୩) ରାସ୍ତାକଡ ଜମି ତଥା ସରକାର ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ। ରାସ୍ତା ଉପରେ ବାଲି, ମାଟି ବା ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମାକରି ରାସ୍ତା ଓ ରାସ୍ତାକଡ ନାଳ ଅବରୋଧ ଓ କ୍ଷତି କରନ୍ତୁ ନାହିଁ। (୪) ରାସ୍ତାକଡ଼ରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରନ୍ତୁ ଓ ପଲିଥିନ୍ (ଜରି)ର ବ୍ୟବହାରରୁ ଦୁରେଇ ରୁହନ୍ତୁ। (୫) ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଠିକ ସମୟରେ କରାଇ ନିଅନ୍ତୁ। (୬) ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ ଏବଂ ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ। (୭) ଓଦା ଆବର୍ଜନାକୁ ସବୁଜ ଡଷ୍ଟବିନ୍‌ରେ ଓ ଶୁଖିଲା ଆବର୍ଜନାକୁ ନେଳି ଡଷ୍ଟବିନ୍‌ରେ ପକାନ୍ତୁ। ରାସ୍ତା ଉପରେ ଅଳିଆ ଆବର୍ଜନା ନ ପକାଇ ପରିମଳ ଗାଡିରେ ପକାନ୍ତୁ।
**ଆମର ଲକ୍ଷ୍ୟ:** ନୂତନ ବସଷ୍ଟାଣ୍ଡ, ଆଧୁନୀକରଣ ମାର୍କେଟ କମ୍ପ୍ଲେକ୍ସ, କମ୍ୟୁନିଟି ଟଏଲେଟ୍। ସହରକୁ ପଲିଥିନ୍ ମୁକ୍ତକରି ସ୍ୱଚ୍ଛ ଓ ସବୁଜ ସହର ଗଠନ କରିବା।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା, ଗଞ୍ଜାମ

ଦୈନିକ ଖବରକାଗଜ ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ କନିଷିସ୍ଥିତ ସିଦ୍ଧ ଭୈରବୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ମହାବିଦ୍ୟାଳୟର ଶିକ୍ଷାର ବିକାଶ ଓ ଉନ୍ନତି କାମନା ନେଇ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

**ଡ. ଶିବ ପ୍ରସାଦ ନାୟକ**
ଅଧ୍ୟକ୍ଷ, ସିଦ୍ଧ ଭୈରବୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଓ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀବୃନ୍ଦ



ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଅନେକ ଶୁଭେଚ୍ଛା। ଏହି ଉପଲକ୍ଷେ ବୁଗୁଡା ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**ଶ୍ରୀ ସନ୍ତୋଷ କୁମାର ଜେନା**
ବୁଗୁଡା ନଗର ବିଜେଡି ଉପସଭାପତି, ବୁଗୁଡା (ଗଞ୍ଜାମ)

With Best Compliments from
ADITYA BIRLA
GRASIM
**GRASIM INDUSTRIES LIMITED**
**CHEMICAL DIVISION GANJAM**
Manufacturer of
Caustic Soda Lye, Liquid Chlorine, Hydrochloric Acid & Sodium Hypochlorite
Based on latest Membrane Cell Technology
WORKS OFFICE
Post : Jayshree- 761025
Dist : Ganjam (Odisha)
Phone : (06811)- 254516/ 254319/ 254336
Fax : (06811)- 254384
E-mail : grasim.ganjam@adityabirla.com
Registered Office:
P.O.- Birlagram, Nagda- 456331 (M.P.)

With Best Wishes
Principal & Staff
RAMANARAYAN HIGHER SECONDARY SCHOOL
Dura, Ganjam


ଦୈନିକ ଖବରକାଗଜ ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଗୋପାଳପୁର କଲେଜ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ମହାବିଦ୍ୟାଳୟର ଶିକ୍ଷାର ବିକାଶ ଓ ଉନ୍ନତି କାମନା ନେଇ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ରମାକାନ୍ତ ଚୌଧୁରୀ**
ଅଧ୍ୟକ୍ଷ, ଗୋପାଳପୁର କଲେଜ ଓ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀବୃନ୍ଦ


ବ୍ରହ୍ମପୁର ସଂସ୍କରଣ ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ସ୍ୱନକ୍ଷତ୍ର ଅବସରରେ ପୋଲସରା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ସହ ପ୍ରଣାମ ଜଣାଉଛି। ଧରିତ୍ରୀ ଠିକ୍ ଦେଖେ ଠିକ୍ ଲେଖେ।

**ଶ୍ରୀକାନ୍ତ ସାହୁ**
ବିଧାୟକ, ପୋଲସରା, ଗଞ୍ଜାମ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୦ | Berhampur, Tuesday, March 17/ 2020

## ସଂକ୍ଷେପରେ

### ତାରାତାରିଣୀ ମନ୍ଦିରକୁ ସମସ୍ତ ରାସ୍ତା ସିଲ୍

ପୁରୁଷୋତ୍ତମପୁର,୧୬।୩(ଡି.ଏନ.ଏ.)- ରାତି ପାହିଲେ ଚୈତ୍ର ମଙ୍ଗଳବାର। ଗଞ୍ଜାମ ଜିଲାର ଦୈବୀପୀଠ ମା' ତାରା ତାରିଣୀଙ୍କ ନିକଟରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ସହଶିଶୁମାନଙ୍କ ମୁଣ୍ଡନ ହୋଇଥାନ୍ତା। ମାତ୍ର ସୋମବାର କରୋନା ଭୂତାଣୁକୁ ନେଇ ସତର୍କତା ପଦକ୍ଷେପ ସ୍ୱରୂପ ମନ୍ଦିରକୁ ସଂଯୋଗ କରୁଥିବା ୩ ମୁଖ୍ୟ ରାସ୍ତା (ତାରା ତାରିଣି ଛକ ମୁଖ୍ୟ ରାସ୍ତା, କେଶପୁର ରାସ୍ତା, ଛତ୍ରପୁର ରାସ୍ତା)କୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ନିରାଶରେ ଫେରିଛନ୍ତି ଭକ୍ତ। ମାତ୍ର ପ୍ରଶାସନର ଏହି ନିଷ୍ପତ୍ତିକୁ କେତେକ ଭକ୍ତ ସ୍ୱାଗତ ମଧ କରିଛନ୍ତି। ମନ୍ଦିର ଇତିହାସରେ ଚୈତ୍ର ମଙ୍ଗଳବାର ଯାତ୍ରାରେ ମୁଣ୍ଡନ ବନ୍ଦହେବା ପ୍ରଥମ ଘଟଣା। ମନ୍ଦିରରେ କେବଳ ମା'ଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଛତ୍ରପୁର ଉପ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଆସି ତଦାରଖ କରିଥିବାବେଳେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇ ଆସୁଥିବା ଭକ୍ତଙ୍କୁ ବୁଝାଇ ଫେରାଇ ଦିଆଯାଉଛି। ବିଡିଓ ସୀମାଞ୍ଚଳ ମହାନ୍ତି, ତହସିଲଦାର ଅରୁଣ କୁମାର ନାୟକ, ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ଓ ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀ ଉପସ୍ଥିତ ରହି ଲୋକଙ୍କ ସହଯୋଗ ଲୋଡିଛନ୍ତି।

### ୨୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ଆର.ଉଦୟଗିରି,୧୬।୩(ଡି.ଏନ.ଏ.)- ଆର୍.ଉଦୟଗିରି ଖମାରୀ ସାହି ଠାରେ ରବିବାର ପୋଲିସ ଏକ ଅଟୋରୁ ୨୦ କେଜି ଗଞ୍ଜେଇ ଜବତ ସହ ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜେଇ ବେପାରୀ ତଲଡା ଗ୍ରାମର ସୋମନାଥ ରଇତ, ରଣାଲଇ ଗ୍ରାମର ବିଜୟ ପରିଚ୍ଛା ଏବଂ ମୋହନା ଗ୍ରାମର ହାଇସ୍କୁଲ ସଭାପତି ସନ୍ଧ୍ୟାରାଣୀ ପାତ୍ର। ଏ ନେଇ ଆର.ଉଦୟଗିରି ପୋଲିସ ନଂ. ୨୩/୨୦ରେ ମାମଲା ରୁଜୁ କରିଛି। ଆର.ଉଦୟଗିରି ପୋଲିସ ଓ ଛେଳିଗଡ ବିଟ ହାଉସର ସମସ୍ତ କର୍ମକାରୀ ମିଶି ଛେଲାଗଡରୁ ସିଆଲିଲଟି ପଞ୍ଚାୟତର ଖମାରୀ ସାହିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଅଟୋରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇ ଛେଲାଗଡରୁ ଖମାରୀ ସାହି ଦେଇ ବ୍ରହ୍ମପୁର ବିକ୍ରି କରିବା ପାଇଁ ଯାଉଥିଲା ବୋଲି ସ୍ଥାନୀୟ ଥାନାଅଧିକାରୀ ମମତା ନାୟକ କହିଛନ୍ତି।

# ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରିକଲେ ଜିଲାପାଳ

ଛତ୍ରପୁର,୧୬।୩(ଡି.ଏନ.ଏ)



ଛତ୍ରପୁରରେ ଜିଲାପାଳ ଅନୁଧ୍ୟାନ କରୁଛନ୍ତି।

**କରୋନା ମୁକାବିଲା ଚିନ୍ତା**
- ଗଞ୍ଜାମ-ଆନ୍ଧ୍ର ସୀମାନ୍ତରେ ନିରୀକ୍ଷଣ କେନ୍ଦ୍ର
- ଜିଲାରେ ବନ୍ଦ କରାଗଲା ମଲ୍, ବଡ ଦୋକାନ

ପ୍ରାଣଘାତି କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଜନସାଧାରଣଙ୍କ ଚଳପ୍ରଚଳ ସୀମିତ କରିବା ପାଇଁ ଜିଲାର ସମସ୍ତ ମଲ୍, ଗାଡ଼ି ଶୋ' ରୁମ୍, ଲୁଗା ଦୋକାନ, ବିୟୁଟି ପାର୍ଲର, ଫାଷ୍ଟଫୁଡ୍ ଦୋକାନଗୁଡିକ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସୋମବାର ପୂର୍ବାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର, ଛତ୍ରପୁର ସମେତ ସହରାଞ୍ଚଳରେ ତହସିଲଦାର ଓ ପୋଲିସ ବିଭିନ୍ନ ମଲ୍, ବଡ଼ ବଡ଼ ଦୋକାନ ବନ୍ଦ କରୁଥିବା ଦେଖାଯାଇଥିଲା। ଛତ୍ରପୁରରେ ତହସିଲଦାର ନୀଳମାଧବ ଭୋଇ, ଏନଏସି ନିର୍ବାହୀ ଅଧିକାରୀ ବିକ୍ରମ କୁମାର ଦୋରା ପୋଲିସ ଟିମ୍ ନେଇ ମଲ୍ ଓ ଦୋକାନ ବନ୍ଦ କରିଥିଲେ। ସନ୍ଧ୍ୟାରେ ଜିଲାପାଳ ଛତ୍ରପୁର ବଜାରରେ ବୁଲି ଏହାର ଅନୁଧ୍ୟାନ କରିଥିଲେ। ସମସ୍ତ ଲଜ୍ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ରବିବାର ରାତିରୁ ଜିଲାରେ ଲାଗୁ ହୋଇଥିବା ୧୪୪ ଧାରା ଜାରି ରହିଛି। ଅନଧିକୃତ ମାଛ, ମାଂସ ଦୋକାନଗୁଡକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଉଦ୍ଦିଷ୍ଟ ସ୍ଥାନରେ ପରିବା ବିକ୍ରି କରିବାକୁ କୁହାଯାଇଛି। ପୋଖରୀରେ ଗାଧୋଇବା କିମ୍ବା ଏହାର ପାଣି ବ୍ୟବହାରକୁ ନିଷେଧ କରାଯାଇଛି। ସର୍ବସାଧାରଣ ପରିବହନ ଯାନଗୁଡିକରେ ଚାଳକମାନଙ୍କୁ କରୋନାରେ କ'ଣ କରଣୀୟ ଏବଂ କଣ କରିବା ଉଚିତ୍ ନୁହେଁ ସେ ବାବଦରେ ସଚେତନ କରିବା ପାଇଁ ପରିବହନ ମାଲିକ ସଂଘକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଯାତ୍ରୀ ଠାରେ କରୋନାର କିଛି ଲକ୍ଷଣ ଦୃଷ୍ଟିଗୋଚର ହେଲେ ସମ୍ପୃକ୍ତ ଗାଡ଼ିର କର୍ମକର୍ତ୍ତା ତୁରନ୍ତ ଟେଲିଫୋନ୍ (ନଂ.୦୬୮୦-୨୨୨୪୭୯୮ କିମ୍ବା ୯୪୩୯୯୮୩୯୫୬)ରେ ଜଣାଇବାକୁ କୁହାଯାଇଛି। ରେଳଷ୍ଟେଶନ ଓ ବସଷ୍ଟାଣ୍ଡଗୁଡିକରେ କରୋନା ନିରୀକ୍ଷଣ କେନ୍ଦ୍ର ଖୋଲାଯାଇଛି। ଯେଉଁମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ସମସ୍ୟା, କାଶ, ଓ ଜ୍ୱର ଲକ୍ଷଣ ଅନୁଭୂତ ହେଉଛି ତୁରନ୍ତ ଏହି କେନ୍ଦ୍ରରେ ସ୍ୱାସ୍ଥ୍ୟପରୀକ୍ଷା କରିବା ପାଇଁ କୁହାଯାଇଛି। ଗଞ୍ଜାମ-ଆନ୍ଧ୍ର ସୀମାନ୍ତ ଗିରିଶୋଳାଠାରେ ଜାତୀୟ ରାଜପଥରେ ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ କରୋନା ନିରୀକ୍ଷଣ କେନ୍ଦ୍ର ଖୋଲାଯାଇଛି। ସେହିପରି ସୀମାନ୍ତ ତପ୍ତପାଣି, ଗାଜଲବାଡି, ଦୁର୍ଗାପ୍ରସାଦ ଏବଂ ଲଙ୍ଗଳେଶ୍ୱର ଚେକ୍ ଗେଟ୍‌ଠାରେ କରୋନା ନିରୀକ୍ଷଣ କେନ୍ଦ୍ର ଖୋଲିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କରୋନା ନିର୍ଦ୍ଦେଶାବଳୀକୁ ଅମାନ୍ୟ କଲେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ସତର୍କ କରାଇ ଦେଇଛି।

# ଜାଲ୍ ସାର୍ଟିଫିକେଟ ଦେଇ ଚିନିଶିଳ୍ପରେ ଚାକିରି, ୨ ଗିରଫ

ଆସିକା,୧୬।୩(ଡି.ଏନ୍.ଏ.):

ଆସିକା ସମବାୟ ଚିନିଶିଳ୍ପରେ ଚାକିରି ବେଳେ ଜାଲ୍ ସାର୍ଟିଫିକେଟ ଦେଇଥିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସନ୍ତୋଷ କୁମାର ଭଞ୍ଜ ଓ ଉପେନ୍ଦ୍ର ସିଆ ଉଭୟଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ସନ୍ତୋଷଙ୍କୁ ଚିନିଶିଳ୍ପ କର୍ତ୍ତୃପକ୍ଷ ଚାକିରିରୁ ବହିଷ୍କାର କରିଥିବା ବେଳେ ଉପେନ୍ଦ୍ର ଏଥିମଧ୍ୟରେ ଅବସର ଗ୍ରହଣ କରିସାରିଛନ୍ତି।

ସୂଚନାଯୋଗ୍ୟ, କେତେଜଣ ବୟସ କମାଇ ଜାଲ୍ ସାର୍ଟିଫିକେଟ ଦାଖଲ କରି ଚିନିଶିଳ୍ପରେ ଚାକିରି କରୁଥିବା ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗ ଉପରେ କ୍ରାଇମବ୍ରାଞ୍ଚ ତଦନ୍ତ କରି ୮ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଚିନିଶିଳ୍ପର ସଂପାଦକ ଚନ୍ଦ୍ରଶେଖର ରେଡ୍ଡୀଙ୍କ ପକ୍ଷରୁ ଏ ନେଇ ଆସିକା ଥାନାରେ ଅଭିଯୋଗ ପରେ ପୋଲିସ ନଂ.୮୯/୨୦ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ପ୍ରସାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ୩ ଟ୍ରାକ୍ଟରରୁ ଦେଢ଼ଲକ୍ଷ ଟଙ୍କା ଜରିମାନା ଆଦାୟ

ଆସିକା,୧୬।୩(ଡି.ଏନ୍.ଏ.):

ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରୁ ପୋଲିସ ଶୁକ୍ରବାର ୩ ଟ୍ରାକ୍ଟର ଜବତ କରିଥିଲା। ସେଥିମଧ୍ୟରୁ ୨ଟି ଟ୍ରାକ୍ଟରରେ ଏକା ନମ୍ବର ଥିବା ବେଳେ ଅନ୍ୟଟିରେ କୌଣସି ନମ୍ବର ନ ଥିଲା। ଉକ୍ତ ଟ୍ରାକ୍ଟର ଗୁଡିକ ସମ୍ପର୍କରେ ଭଞ୍ଜନଗରସ୍ଥିତ ପରିବହନ ଅଧିକାରୀଙ୍କ ସହ ପୋଲିସ ଯୋଗାଯୋଗ କରିଥିଲା। ପରିବହନ ଅଧିକାରୀ ଆସିକାରେ ପହଞ୍ଚି ଜବତ ଟ୍ରାକ୍ଟର କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ବିଧିବଦ୍ଧ କାଗଜପତ୍ର ନଥିବାରୁ ଗୋଟିଏ ଟ୍ରାକ୍ଟରରୁ ୩୮,୬୦୦, ଅନ୍ୟ ଦୁଇଟି ଟ୍ରାକ୍ଟରରୁ ୬୦,୫୦୦ ଏବଂ ୫୦,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜରିମାନା ଆଦାୟ ପରେ ଟ୍ରାକ୍ଟର ଗୁଡିକୁ ଛାଡିଦିଆଯାଇଛି।

# ଗଣବଳାତ୍କାର ଘଟଣାରେ ୫ କୋର୍ଟ ଚାଲାଣ

ଖଲ୍ଲିକୋଟ,୧୬।୩(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅଞ୍ଚଳର ୨ ଜଣ ନାବାଳିକାଙ୍କୁ ହୋଲି ଦିନ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସ୍ଥାନୀୟ ପୋଲିସ ନଂ. ୧୧୧/୨୦ରେ ମାମଲା ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟ ୩ଜଣ ଫେରାର୍ ଥିଲେ। ଏହି ମାମଲାରେ ସମ୍ପୃକ୍ତ ୫ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଆରତ ବିଶ୍ୱାଳ (୨୬), ସଞ୍ଜୟ କୁମାର ବାରିକ (୨୩), ଉପେନ୍ଦ୍ର ପ୍ରଧାନ (୨୪), ଶଙ୍କର ସ୍ୱାଇଁ (୨୪), ପୁସ୍କର ଜେନା (୨୦)। ପ୍ରକାଶ ଯେ, ଗତ ୧୦ ତାରିଖ ହୋଲି ଦିନ ଦୁଇ ନାବାଳିକା (୧୫ ଓ ୧୬)ଙ୍କୁ ଏକୁଟିଆ ପାଇ ଅଭିଯୁକ୍ତମାନେ ଏକ ଜଙ୍ଗଲକୁ ନେଇ ଗଣବଳାତ୍କାର କରିଥିଲେ। ୧୩ ତାରିଖରେ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରଥମେ ଦୁଇ ଓ ପରେ ତିନି ମୋଟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ ତଦନ୍ତ ଭାର ନେଇଥିଲେ।

# କରୋନା ପ୍ରତିକାର ଲାଗି ପ୍ରଶାସନର ଉଦ୍ୟମ

ଫୁଲବାଣୀ ଅଫିସ, ୧୬।୩

**କନ୍ଧମାଳ ଜିଲା**

କନ୍ଧମାଳ ଜିଲାର ଜନସାଧାରଣଙ୍କୁ ମହାମାରୀ କରୋନାଠାରୁ ସୁରକ୍ଷିତ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ସତର୍କତା ଅବଲମ୍ବନ ସମ୍ପର୍କରେ ସଚେତନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ସହିତ ଜଡ଼ିତ ସମସ୍ତ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ସୁପରିଚାଳନା ଓ ତଦାରଖ ପାଇଁ ପ୍ରୋବେସନ୍ ଆଇଏସ୍ ଅଧିକାରୀ ଡା. ଶୁଭଙ୍କର ମହାପାତ୍ରଙ୍କୁ ବିଶେଷ କର୍ତ୍ତବ୍ୟରତ ଅଧିକାରୀ ଭାବେ ଘୋଷଣା କରାଯାଇଛି। ଏଥିସହ ଜିଲାର ୧୨ ବ୍ଲକ ପାଇଁ ୧୨ ଜଣ ଜିଲାସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

ସ୍ୱତନ୍ତ୍ର ଭାବେ ଡକାଯାଇଥିବା ଜିଲା ପରିଷଦ ବୈଠକରେ କରୋନା ଭୂତାଣୁକୁ ପ୍ରତିରୋଧ କରିବା ଉପରେ ଆଲୋଚନା କରାଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି, ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପ୍ରତି ଗ୍ରାମରେ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଛି।

କରୋନା ଭୂତାଣୁ ସଂକ୍ରମଣ ଭୟାବହତା ଦୂର ନ ହେବା ପର୍ଯ୍ୟନ୍ତ ଧାର୍ମିକ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ, ବିବାହ, ବ୍ରତ, ସଭାସମିତି ଭଳି ସାମାଜିକ ସାମୂହିକ କାର୍ଯ୍ୟରେ ଜନସାଧାରଣ ଏକାଠି ନ ହେବାକୁ କୁହାଯାଇଛି।

## ମେଡିକାଲରୁ ଫେରାର୍ ଯୁବକ ଧରାପଡ଼ିଲେ

ନିକଟରେ କେରଳରୁ ଫେରିଥିବା ଜଣେ ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଥିଲା। କରୋନା ସନ୍ଦିଗ୍ଧ ଭାବେ ତାଙ୍କ ଉପରେ ସ୍ୱତନ୍ତ୍ର ନଜର ରଖା ଯାଇଥିଲା। ଆଉ ୨ ଦିନ ପରେ ସେ ଘରକୁ ଫେରିଥାନ୍ତେ। ହେଲେ ଶନିବାର ବିଳମ୍ବିତ ରାତିରେ ୱାର୍ଡରୁ ସେ ଫେରାର ହୋଇଯାଇଥିଲେ। ଏ ନେଇ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ ଫୁଲବାଣୀ ଆଦର୍ଶ ଥାନାରେ ଏତଲା ଦେଇଥିଲେ। ମେଡିକାଲର ଏକ ଟିମ୍ ସୋମବାର ସନ୍ଧ୍ୟା ସୁଦ୍ଧା ତାଙ୍କୁ ପାଇବାରେ ସକ୍ଷମ ହୋଇଛି। ତାଙ୍କୁ ଏବେ ବାଲିଗୁଡା ମେଡିକାଲରେ ରଖାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ଯୁବକ ୧୨ ଦିନ ପୂର୍ବରୁ କେରଳରୁ ନିଜ ଘର ବାଲିଗୁଡାକୁ ଫେରିଥିଲେ। ଏହା ଜଣାପଡିବା ପରେ ତାଙ୍କୁ ମେଡିକାଲର ଟିମ୍ ଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

# ଘରୋଇ କ୍ଲିନିକ୍‌ରେ ରହିବ ଆଇସୋଲେଶନ ୱାର୍ଡ

ଛତ୍ରପୁର,୧୬।୩(ଡି.ଏନ.ଏ)

କରୋନା ଭୟାବହତା ପରିପ୍ରେକ୍ଷୀରେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପାଇଁ ସୋମବାର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ସବୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଥିବା ସମସ୍ତ ଘରୋଇ କ୍ଲିନିକ୍, ନର୍ସିଂହୋମ୍ ଗୁଡିକରେ କୋଭିଡ୍-୧୯ କର୍ନର କିମ୍ବା ଆଇସୋଲେଶନ ୱାର୍ଡ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହ ସମସ୍ତ ଘରୋଇ କ୍ଲିନିକ୍ ଓ ନର୍ସିଂହୋମ୍‌ର ସମସ୍ତ କର୍ନରରେ କରୋନା ସଚେତନତା ନେଇ ପୋଷ୍ଟର ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କର୍ନରରେ ଲିଫ୍‌ଲେଟ୍ ରଖାଯିବ। ହାତ ଧୋଇବାକୁ ସାବୁନ କିମ୍ବା ସାନିଟାଇଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କେହି କରୋନାରେ ସଂକ୍ରମିତ ସନ୍ଦେହ ହେଲେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯିବ। ଏଥିସହ ଜିଲାର କଂଟ୍ରୋଲ ରୁମ୍ (୦୬୮୦-୨୨୨୪୭୯୮)କୁ ଜଣାଇବାକୁ କୁହାଯାଇଛି। ଏହି ନିର୍ଦ୍ଦେନାମାକୁ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଉଲ୍ଲେଖ କରିଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ